# ଜିତୁ ମୁଣ୍ଡାଙ୍କୁ ଭେଟିଲା ବିଜେଡି ପ୍ରତିନିଧି ଦଳ

ପାଟଣା/କେନ୍ଦୁଝର,୨୯।୪(ବୀର କିଶୋର ଦାଶ/ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଏରେଣ୍ଡେଇ ପଞ୍ଚାୟତ ଡିଆନାଳି ଗ୍ରାମର ଜିତୁ ମୁଣ୍ଡା ମଲ୍ଲିପୋଷିଠାରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କକୁ ମୃତ ଭଉଣୀଙ୍କ କଙ୍କାଳ ଧରିଯିବା ଘଟଣାକୁ ବିଜେଡି ନିନ୍ଦା କରିଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ରଙ୍କ ନେତୃତ୍ୱରେ ଏକ ତଥ୍ୟ ଅନୁସନ୍ଧାନକାରୀ ଦଳ ବୁଧବାର ଡିଆନାଳି ଗ୍ରାମରେ ଜିତୁଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ଏଭଳି ସମ୍ବେଦନଶୀଳ ଘଟଣାରେ ପ୍ରଶାସନ, ପୋଲିସ ଓ ବ୍ୟାଙ୍କ ଅଧିକାରୀଙ୍କୁ ଦାୟୀ କରାଯାଇଛି। ଏ ନେଇ ନ୍ୟାୟିକ ତଦନ୍ତ ଲାଗି ଦଳ ଦାବି କରିଥିବା ପ୍ରେସ୍ ଇସ୍ତାହାରରେ ବିଜେଡି ଜିଲା ସଭାପତି ଆଶିଷ ଚକ୍ରବର୍ତ୍ତୀ ସୂଚନା ଦେଇଛନ୍ତି।

ବିଧାୟକ ବଦ୍ରି ନାରାୟଣ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଜିଲାରେ ଏଭଳି ଘଟଣା କେନ୍ଦୁଝରକୁ ଲଜ୍ଜିତ କରିଛି। ବ୍ୟାଙ୍କରେ ଶବ ପହଞ୍ଚିଲା ପରେ ପୋଲିସ ପ୍ରଶାସନ ପହଞ୍ଚିଛି। ପ୍ରଥମେ ତ ଟଙ୍କା ପାଇଁ ମଶାଣିରୁ କଙ୍କାଳ ବ୍ୟାଙ୍କ କର୍ତ୍ତୃପକ୍ଷ ମଗାଇବା ଅମାନବୀୟ ଘଟଣା। ଏହା ପରେ ମଧ୍ୟ ପ୍ରଶାସନ ଜିତୁ ମୁଣ୍ଡାଙ୍କୁ ସମ୍ମାନ ଜଣାଇଲା ନାହିଁ। ନିଜେ ବାବୁମାନେ କାରରେ ମଲ୍ଲିପୋଷି ବ୍ୟାଙ୍କରୁ ଫେରିଥିବା ବେଳେ ଜିତୁ ତହତହ ଖରାରେ ଖାଲି ପାଦରେ ୪ କିମି. କଙ୍କାଳ କାନ୍ଧେଇ ଘରକୁ ଫେରିଥିଲେ। କଙ୍କାଳକୁ ପୁନର୍ବାର ପୋତାଯାଇଥିଲା। ପ୍ରଥମେ ବ୍ୟାଙ୍କ ଓ ପ୍ରଶାସନ ଟଙ୍କା ଦେବାରେ ବିଫଳ ଏବଂ ପରେ ପୁନର୍ବାର ଚଲାଇ ଆଣିବା ଅମାନବୀୟ ଘଟଣା। ସରକାର ଆର୍‌ଡିସି ତଦନ୍ତ ନିର୍ଦ୍ଦେଶ ଦେଇଥିବା ବେଳେ ଏହା ଏହା ଉପରେ ଭରସା ନାହିଁ। ଜିତୁଙ୍କ ପରିବାର ପ୍ରତି ହୋଇଥିବା ଅନ୍ୟାୟକୁ ସାମ୍ନାକୁ ଆଣିବା ଓ ସମସ୍ତ ଦୋଷୀଙ୍କୁ କଠୋର ଦଣ୍ଡ ବିଧାନ ପାଇଁ ବିଚାରବିଭାଗୀୟ ତଦନ୍ତ ଲାଗି ସେ ଦାବି କରିଥିଲେ। ଏଥିସହ ସ୍ଥାନୀୟ ଅଧିବାସୀ ମଧ୍ୟ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଦ୍ୱାରା ସୁଫଳ ପାଇପାରୁ ନ ଥିବା ଅଭିଯୋଗ କରିଛନ୍ତି ବୋଲି ବିଧାୟକ ପ୍ରକାଶ କରିଛନ୍ତି। ବିଜେଡି ତଥ୍ୟ ଅନୁସନ୍ଧାନକାରୀ ଦଳ ଜିତୁଙ୍କ ଭଉଣୀ ପୋତା ଯାଇଥିବା ସ୍ଥାନକୁ ଯାଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଉକ୍ତ ଅନୁସନ୍ଧାନକାରୀ ଦଳରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକ, ବିଜେଡି ଜିଲା ସଭାପତି ଚକ୍ରବର୍ତ୍ତୀ, ଜିଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ, ପୂର୍ବତନ ଆଦିବାସୀ ଉନ୍ନୟନ ଅଧ୍ୟକ୍ଷ ରାମରାୟ ମୁନ୍ଦିୟା, ଉପାଧ୍ୟକ୍ଷ ନାରଣ ପୂର୍ତ୍ତି, ବିଜେଡି ପାଟଣା ବ୍ଲକ୍ ସଭାପତି ମାଧବାନନ୍ଦ ପୃଷ୍ଟି, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷା ସୁକାନ୍ତି ନାଏକ, ଜିଲା ପରିଷଦ ସଦସ୍ୟା ରୁନୁ ମହାନ୍ତ, ଏରେଣ୍ଡେଇ ସରପଞ୍ଚ ପାର୍ବତୀ ଦେହୁରୀ, ବଡ଼ ପାଟଣା ସରପଞ୍ଚ ବିନତି ବାନାରାଙ୍କ ସହ ପାଟଣା ଓ ସାହରପଡା ବ୍ଲକ୍‌ର ସରପଞ୍ଚ ଏବଂ ସମିତି ସଭ୍ୟ ଜିତୁଙ୍କ ଘରେ ପହଞ୍ଚି ସମବେଦନା ଜଣାଇଥିଲେ। ବିଜେଡି ତଥ୍ୟ ଅନୁସନ୍ଧାନକାରୀ ଦଳ ପକ୍ଷରୁ ଜିତୁଙ୍କୁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।


ଜିତୁ ମୁଣ୍ଡାଙ୍କ ସହ ବିଜେଡି ତଥ୍ୟ ଅନୁସନ୍ଧାନକାରୀ ଦଳଂର ସଦସ୍ୟ ଆଲୋଚନା କରୁଛନ୍ତି।

**ବ୍ୟାଙ୍କକୁ ମୃତ ଭଉଣୀଙ୍କ କଙ୍କାଳ ଧରି ଯିବା ଘଟଣା**

**ପ୍ରଶାସନ, ବ୍ୟାଙ୍କ ଅଧିକାରୀଙ୍କୁ ଦାୟୀ କରି ନ୍ୟାୟିକ ତଦନ୍ତ ଦାବି କଲା ଦଳ**

# ଚାନ୍ଦିପୁରରେ ହାତୀ ଉପଦ୍ରବ: ବନ ବିଭାଗ ନାକେଦମ୍

ବାଲେଶ୍ୱର, ୨୯।୪ (ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ଅଧୀନ ଚାନ୍ଦିପୁରରେ ବୁଧବାର ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ଏକ ଦନ୍ତା ହାତୀ ସ୍ଥାନୀୟ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ପରିସରରେ ବୁଲୁଥିବା ଦେଖି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ମଙ୍ଗଳବାର ସଦର ବ୍ଲକ, ଶାସଙ୍ଗ ଓ ଗେଙ୍ଗୁଟି ପଞ୍ଚାୟତର ବହୁ ଗାଁରେ ହାତୀଙ୍କ ଉପଦ୍ରବ ଦେଖିବାକୁ ମିଳିଥିଲା। ଯାହାକୁ ନେଇ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଥିଲେ। ଏପରିକି ବିଭିନ୍ନ ସ୍ଥାନରେ ହାତୀ କ୍ଷୟକ୍ଷତି କରିବା ସହ ଭଙ୍ଗାରୁଜା କରିଥିବା ଦେଖିବାକୁ ମିଳିଥିଲା। ଖବରପାଇ ବନ ବିଭାଗ ପକ୍ଷରୁ ହାତୀ ଘଉଡ଼ାଇବା ପାଇଁ ନାକେଦମ ହେବାକୁ ପଡ଼ିଥିଲା। ତେବେ ଗ୍ରୀଷ୍ମ ଦିନରେ ଜଙ୍ଗଲରେ ପାଣି ଓ ଖାଦ୍ୟର ସଙ୍କଟ ଯୋଗୁ ହାତୀ ଜନବସତି ଆଡ଼କୁ ପଶିଆସିଥିବା କୁହାଯାଉଛି।



ବିଦ୍ୟାଳୟ ସମ୍ମୁଖରେ ହାତୀ।

# ସରକାରଙ୍କ ଦୋଷ ଲୁଚାଉଛନ୍ତି ରାଜସ୍ୱ ମନ୍ତ୍ରୀ: କଂଗ୍ରେସ



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ।

ଭୁବନେଶ୍ୱର,୨୯।୪ (ରବିନାରାୟଣ ଜେନା)

କେନ୍ଦୁଝର ପାଟଣାରେ ଜିତୁ ମୁଣ୍ଡା ତାଙ୍କ ମୃତ ଭଉଣୀ କଙ୍କାଳକୁ କାନ୍ଧରେ ବୋହି ବ୍ୟାଙ୍କକୁ ନେବା ଘଟଣାରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ମନ୍ତବ୍ୟକୁନେଇ କଂଗ୍ରେସ ସରକାରଙ୍କୁ ଟାର୍ଗେଟ୍ କରିଛି। ରାଜ୍ୟ କଂଗ୍ରେସ ଭବନରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମୁଖପାତ୍ର ସୋନାଲି ସାହୁ ଓ ମନୀଷା ଦାସ ପଟ୍ଟନାୟକ କହିଛନ୍ତି, ଏହି ଘଟଣା ଲୋକଲୋଚନକୁ ଆସିବା ପରେ ରାଜସ୍ୱ ମନ୍ତ୍ରୀ ନିଜର ପାରଦର୍ଶିତା ଦେଖାଇବାକୁ ଯାଇ ବ୍ୟାଙ୍କ କର୍ମଚାରୀ ଓ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଉପରେ ସବୁଦୋଷ ଲଦିଦେଇ ସରକାରଙ୍କ ଦୋଷ ଲୁଚାଇଛନ୍ତି। ଏହା ଅତ୍ୟନ୍ତ ନିନ୍ଦନୀୟ ବୋଲି ସୋନାଲି କହିଛନ୍ତି।

ସେ କହିଛନ୍ତି, ଏହି ଘଟଣାର ୨୪ ଘଣ୍ଟା ପରେ ବ୍ୟାଙ୍କ ଅଧିକାରୀ ଓ ସ୍ଥାନୀୟ ପ୍ରଶାସନର ଅଧିକାରୀ ଯେପରି ଭାବେ ଜିତୁ ମୁଣ୍ଡାଙ୍କ ଘରକୁ ଯାଇ ୧୯,୩୦୦ ଟଙ୍କା ପ୍ରଦାନକଲେ ଓ ଗଣମାଧ୍ୟମରେ ଟଙ୍କା ଦେଉଥିବାର ଫଟୋ ଛାଡି ଟ୍ରୋଲ୍ ହେଲେ ତାହା ଓଡ଼ିଶାବାସୀଙ୍କୁ ଲଜ୍ଜିତ କରିଛି। ପୂର୍ବ ବିଜେଡି ସରକାର ସମୟରେ ଦାନ ମାଝୀ ଘଟଣା ଓଡ଼ିଶାକୁ ନିନ୍ଦିତ କରିଥିବାବେଳେ ଏବେ ଜିତୁଙ୍କ ଘଟଣା ଓଡ଼ିଆ ଅସ୍ମିତାକୁ କୁଠାରାଘାତ କରିଛି। ଆଶ୍ଚର୍ଯ୍ୟର ବିଷୟ, ବିଶ୍ୱସ୍ତରରେ ଏହି ଘଟଣା ହଇଚଇ ସୃଷ୍ଟି କରିଥିଲେ ହେଁ ମୁଖ୍ୟମନ୍ତ୍ରୀ ନୀରବ ରହିଛନ୍ତି। ଏଥିରୁ ସରକାରଙ୍କ ଆଦିବାସୀ ପ୍ରୀତି ନେଇ ହେୟଭାବନା ପ୍ରକାଶ ପାଉଛି ବୋଲି ସୋନାଲି କହିଛନ୍ତି। ଏହି ଅବସରରେ ଜିତୁଙ୍କ ପରିବାରକୁ ସରକାର ୧୦ ଲକ୍ଷ ଟଙ୍କାର ସହାୟତା ତୁରନ୍ତ ଯୋଗାଇବାକୁ କଂଗ୍ରେସ ଦାବି କରିଛି। କାର୍ଯ୍ୟକ୍ରମରେ କଂଗ୍ରେସ ଗଣମାଧ୍ୟମ ଅଧ୍ୟକ୍ଷ ଅରବିନ୍ଦ ଦାସ ଉପସ୍ଥିତ ଥିଲେ।

ଓଡ଼ିଶା ସରକାର

**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**

**ରାଜ୍ୟ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଗଢ଼ି ଉଠିଥିବା ଓଡ଼ିଆ ସାଂସ୍କୃତିକ ଅନୁଷ୍ଠାନମାନଙ୍କୁ ଆର୍ଥିକ ଅନୁଦାନ ନିମନ୍ତେ ଦରଖାସ୍ତ**

No. 3001/11/2627: ରାଜ୍ୟର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଗଢ଼ି ଉଠିଥିବା ରେଜେଷ୍ଟ୍ରିଭୁକ୍ତ ସ୍ୱେଚ୍ଛାସେବୀ ସାଂସ୍କୃତି ଅନୁଷ୍ଠାନମାନଙ୍କ ସପକ୍ଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ମାଧ୍ୟମରେ ଓଡ଼ିଶାର କଳା ଓ ସଂସ୍କୃତିର ପ୍ରଚାର ଓ ପ୍ରସାର ନିମନ୍ତେ ଅନୁଦାନ ପାଇବା ପାଇଁ ପୂର୍ବବର୍ଷମାନଙ୍କ ଭଳି ୨୦୨୪-୨୫ ଏବଂ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଆଗ୍ରହୀ ସାଂସ୍କୃତିକ ଅନୁଷ୍ଠାନମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଫର୍ମ ଉପରେ ବଡ଼ ଅକ୍ଷରରେ ଯୋଜନାର ନାମ ଲେଖାଯିବା ଆବଶ୍ୟକ। ଏଥି ନିମନ୍ତେ ଦରଖାସ୍ତ ଆବେଦନ କରୁଥିବା ଅନୁଷ୍ଠାନ ୧୮୬୦ ମସିହାର ସୋସାଇଟି ରେଜିଷ୍ଟ୍ରେସନ ନିୟମ ଅନୁଯାୟୀ ଅନ୍ତତଃ ତିନି ବର୍ଷ ପୂର୍ବରୁ ପଞ୍ଜୀକୃତ ହୋଇଥିବା ଆବଶ୍ୟକ। ଦରଖାସ୍ତଗୁଡ଼ିକ ସମ୍ପୃକ୍ତ ବିବରଣୀ ସହ ନିମ୍ନ ଠିକଣାରେ କେବଳ ଡାକ ଯୋଗେ ତା୩୦।୦୫।୨୦୨୬ରିଖ ସୁଦ୍ଧା ପହଞ୍ଚିବା ଆବଶ୍ୟକ। ବିଭାଗୀୟ ନିଷ୍ପତ୍ତି ଅନୁଯାୟୀ ଅନୁଦାନ ପାଇବା ପାଇଁ ଇଚ୍ଛୁକ ରେଜେଷ୍ଟ୍ରିଭୁକ୍ତ ସାଂସ୍କୃତିକ ଅନୁଷ୍ଠାନମାନେ ଆବେଦନପତ୍ର ସହିତ ଟ.୧୦/-ଙ୍କାର ଅଣନ୍ୟାୟିକ କାଗଜରେ ଚୁକ୍ତିନାମା (Agreement in Non-Judicial Stamp Paper worth Rs.10/- only), ସାଦା କାଗଜରେ ଅଙ୍ଗୀକାର ପତ୍ର (Undertaking in plain paper), ନିର୍ଦ୍ଦିଷ୍ଟ ଫର୍ମରେ (OGFR-23 & 24) ପୂର୍ବବର୍ଷ (୨୦୨୩-୨୪) ଅନୁଦାନର ବିନିଯୋଗ ପ୍ରମାଣପତ୍ର (Utilization Certificate) ଦୁଇ କିତା ସହ ଅନୁଷ୍ଠାନର ବ୍ୟାଙ୍କ ଖାତା ନମ୍ବର, IFSC ଓ ବ୍ୟାଙ୍କର ନାମ ସହିତ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବା ଜରୁରୀ ଅଟେ। ଅସମ୍ପୂର୍ଣ୍ଣ ଫର୍ମ କିମ୍ବା ମଗାଯାଇଥିବା ଉପରୋକ୍ତ ଡକ୍ୟୁମେଣ୍ଟ ନ ଦେଇଥିଲେ ଆବେଦନ ବିଚାରକୁ ନିଆଯିବ ନାହିଁ।

ରାଜ୍ୟ ସରକାର ପ୍ରଣୀତ ଆଇନ (Grant-in-Aid Rules, 1973 as amended in 1986) ଅନୁଯାୟୀ ଅନୁଦାନ ପରିମାଣ, ମଞ୍ଜୁରୀ ଦେବା ନ ଦେବା, ଦରଖାସ୍ତ ଖାରଜ କରିବା ଆଦିର ନିଷ୍ପତ୍ତି ସମ୍ପୂର୍ଣ୍ଣ ଭାବରେ ସରକାରଙ୍କ କର୍ତ୍ତୃତ୍ୱାଧୀନ ଅଟେ। ଏ ସମ୍ପର୍କରେ କୌଣସି କୋର୍ଟ କଚେରିର ଆଶ୍ରୟ ନିଆଯାଇ ପାରିବ ନାହିଁ। ଅଧିକ ସୂଚନା ପାଇଁ ତଥା ଆବଶ୍ୟକୀୟ ଦସ୍ତାବିଜର ନକଲ ପାଇବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ୱେବସାଇଟ **www.odishaculture.gov.in** କୁ ବ୍ୟବହାର କରିପାରିବେ।

ସ୍ୱା./- ନିର୍ଦ୍ଦେଶକ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ସଂସ୍କୃତି ଭବନ, ଭୁବନେଶ୍ୱର - ୭୫୧୦୧୪

OIPR-3001/3029/1/26-27/0009

# ପ୍ରଦର୍ଶନ ହେଲା ଓଡ଼ିଶୀ, ମନଦୁଃଖ କଲେ ଛଉ ଛାତ୍ରୀଛାତ୍ର

**ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ 'ଛଉ'କୁ ଉପେକ୍ଷା**

ଭୁବନେଶ୍ୱର,୨୯।୪ (ସୌମ୍ୟରଞ୍ଜନ ରାଉତ)

ବିଶ୍ୱ ନୃତ୍ୟ ଦିବସ ଅବସରରେ ବୁଧବାର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ନୃତ୍ୟଭିତ୍ତିକ କାର୍ଯ୍ୟକ୍ରମ ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟରେ ଓଡ଼ିଶୀ ଓ ଛଉନୃତ୍ୟ ବିଭାଗ ରହିଥିଲେ ମଧ୍ୟ ଏବର୍ଷ କେବଳ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ ହୋଇଥିଲା। ଫଳରେ ଛଉ ଓ ଅନ୍ୟ ନୃତ୍ୟ ଦେଖିବାକୁ କଳାପ୍ରେମୀ ଓ ଦର୍ଶକ ଅପେକ୍ଷା କରି ନିରାଶ ହେବା ସହ ଅସନ୍ତୋଷ ପ୍ରକାଶ କରିଥିଲେ। ଓଡ଼ିଶୀ ବିଭାଗର ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରିବାକୁ ସୁଯୋଗ ପାଇଥିବାବେଳେ ଛଉ ବିଭାଗର ଛାତ୍ରୀଛାତ୍ର ପ୍ରତିଭା ପ୍ରଦର୍ଶନ କରିପାରି ନ ଥିବାରୁ ସେମାନେ ମଧ୍ୟ ମନ ଦୁଃଖରେ ରହିଥିବା ଦେଖିବାକୁ ମିଳିଥିଲା। ବିଶ୍ୱ ନୃତ୍ୟ ଦିବସ ଭଳି ସ୍ୱତନ୍ତ୍ର ଦିନରେ ଛଉ ନୃତ୍ୟକୁ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଜାଣିଶୁଣି ଉପେକ୍ଷା କରିଥିଲେ ନା ଖାମଖିଆଲ ଭାବେ କାର୍ଯ୍ୟକ୍ରମ ଆୟୋଜନ କରି ଭୁଲି ଯାଇଥିଲେ ତାହାକୁ ନେଇ କାର୍ଯ୍ୟକ୍ରମ ସ୍ଥଳରେ ପିଲାଙ୍କ ମଧ୍ୟରେ ଚର୍ଚ୍ଚା ଲାଗି ରହିବା ସହ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଛଉନୃତ୍ୟ ବିଭାଗକୁ ଅବହେଳା କରାଯାଉଥିବାରୁ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଥିଲା। ଆମ ପ୍ରତିଭାକୁ କାହିଁକି କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉ ନାହାନ୍ତି? ଆମେ ଅବହେଳିତ ମନେକରୁଛୁ ବୋଲି କେତେଜଣ ଛାତ୍ରୀଛାତ୍ର କହିବା ସହ ପ୍ରଶ୍ନ ଉଠାଇଥିଲେ।

ଏ ସମ୍ପର୍କରେ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ଜେନାଙ୍କୁ ପଚାରିବାରୁ ସେ କହିଲେ, ଓଡ଼ିଶୀ ନୃତ୍ୟ ବିଭାଗରେ ଛାତ୍ରୀଛାତ୍ର ଆଗୁଆ ପ୍ରସ୍ତୁତ ହୋଇ ରହିଥିଲେ। କିନ୍ତୁ ଛଉ ବିଭାଗର ପିଲାମାନେ ନୃତ୍ୟ କରିବାକୁ ଇଚ୍ଛା କଲେ ନାହିଁ। ସେମାନଙ୍କର ପରୀକ୍ଷା ସରିଯାଇଥିବାରୁ ଘରକୁ ପଳାଇବେ ବୋଲି କହିଥିଲେ। ହେଲେ ପରବର୍ତ୍ତୀ ସମୟରେ ସେମାନେ ନୃତ୍ୟ କରିବେ ବୋଲି କହିଥିଲେ। ଛଉ ବିଭାଗର କେତେଜଣ ଛାତ୍ରୀଛାତ୍ର ଅଧ୍ୟକ୍ଷ ଠିକ୍ କଥା କହୁ ନ ଥିବା ଜଣାଇଛନ୍ତି। ସମସ୍ତ ନୃତ୍ୟ ଶୈଳୀକୁ ସମାନ ଗୁରୁତ୍ୱ ଦେଇ ବିଶ୍ୱ ନୃତ୍ୟ ଦିବସକୁ ପାଳନ କରାଯିବା ଉଚିତ ଥିଲା।

**ନ୍ୟାୟମୂର୍ତ୍ତି (ଅବସରପ୍ରାପ୍ତ) ଆର୍.ଏମ୍. ଲୋଧା କମିଟି**
**(ପିଏସିଏଲ୍ ଲିଃ ମାମଲାରେ)**

**ସର୍ବସାଧାରଣ ବିଜ୍ଞପ୍ତି**

**ଓଡ଼ିଶା - ମୟୂରଭଞ୍ଜ, ବୌଦ୍ଧ, କେନ୍ଦ୍ରାପଡ଼ା; ମହାରାଷ୍ଟ୍ର - ସତାରା, ରତ୍ନଗିରି ସ୍ଥିତ ପିଏସିଏଲ୍ ଲିଃର ସମ୍ପତ୍ତିଗୁଡ଼ିକର ଇ-ନିଲାମ**

୧. ମାନ୍ୟବର ଭାରତୀୟ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସିଭିଲ ଅପିଲ ସଂ. ୧୩୩୦୧/୨୦୧୫ରେ ସୁବ୍ରତ ଭଟ୍ଟାଚାର୍ଯ୍ୟ ବନାମ ସେବି ଓ ଅନ୍ୟମାନେ ଶୀର୍ଷକ ମାମଲା ସମେତ ସମ୍ବନ୍ଧିତ ମାମଲାରେ, ଫେବୃଆରୀ ୦୨, ୨୦୧୬ ଦିନ ପାରିତ କରାଯାଇଥିବା ଆଦେଶ ଅଧୀନରେ, ପିଏସିଏଲ୍ ଲିଃ ଦ୍ୱାରା କ୍ରୟ କରାଯାଇଥିବା ସମ୍ପତ୍ତିଗୁଡ଼ିକ ବିକ୍ରି କରିବା ପାଇଁ ନ୍ୟାୟମୂର୍ତ୍ତି (ଅବସରପ୍ରାପ୍ତ) ଆର୍.ଏମ୍. ଲୋଧାଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା (ପିଏସିଏଲ୍ ଲିଃ ମାମଲାରେ), ଯାହାଦ୍ୱାରା ବିକ୍ରୟରୁ ଲବ୍ଧ ଅର୍ଥରାଶିରୁ ନିବେଶକମାନଙ୍କୁ ଦେୟ ପୈଠ କରାଯାଇପାରିବ। ଉପରୋକ୍ତ ମାମଲାରେ ମାନ୍ୟବର ଭାରତୀୟ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ହୋଇଥିବା ୮ ଅଗଷ୍ଟ, ୨୦୨୪ର ଆଦେଶ ଅନୁଯାୟୀ ଏହି କମିଟି **ଓଡ଼ିଶା - ମୟୂରଭଞ୍ଜ, ବୌଦ୍ଧ, କେନ୍ଦ୍ରାପଡ଼ା; ମହାରାଷ୍ଟ୍ର - ସତାରା, ରତ୍ନଗିରି**ଠାରେ ଅବସ୍ଥିତ ସମ୍ପତ୍ତିଗୁଡ଼ିକର ଇ-ନିଲାମ ଆରମ୍ଭ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି ଏବଂ ସେହି ଅନୁଯାୟୀ "ପ୍ରସ୍ତାବ ପାଇଁ ଅନୁରୋଧ" (ଆର୍‌ଏଫ୍‌ପି) ଜାରି କରାଯାଇଛି ଯାହା ନିମ୍ନଲିଖିତ ଲିଙ୍କ୍‌ରେ ଉପଲବ୍ଧ: **https://www.sebi.gov.in/notice-for-eoi-proposals.html**, **https://www.bankeauctions.com** ଏବଂ **https://www.bankeauctionwizard.com**।

୨. ସମ୍ପତ୍ତି ସମ୍ବନ୍ଧିତ ଦସ୍ତାବିଜ ନିମ୍ନଲିଖିତ ଲିଙ୍କ୍ ପରିଦର୍ଶନ କରି ଦେଖାଯାଇପାରିବ: **https://sebipaclproperties.com** ଏବଂ **https://www.bankeauctions.com** ଏବଂ **https://www.bankeauctionwizard.com**।

୩. ଇ-ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ସମ୍ବନ୍ଧିତ ବିବରଣୀ ଆର୍‌ଏଫ୍‌ପିରେ ଉପଲବ୍ଧ। ଆର୍‌ଏଫ୍‌ପି ସମ୍ବନ୍ଧିତ ପ୍ରମୁଖ ତାରିଖଗୁଡ଼ିକ ନିମ୍ନ ଅନୁଯାୟୀ ଅଟେ:-
- ଆର୍‌ଏଫ୍‌ପି ପ୍ରକାଶନ ତାରିଖ - ଏପ୍ରିଲ ୩୦, ୨୦୨୬
- ବିଡ୍ ଦାଖଲର ଆରମ୍ଭ ତାରିଖ - ଏପ୍ରିଲ ୩୦, ୨୦୨୬
- ବିଡ୍ ଧାର୍ଯ୍ୟ ତାରିଖ ଓ ସମୟ - ଜୁନ୍ ୦୫, ୨୦୨୬ (୧୭.୦୦ ଘ.)
- ଇ-ନିଲାମ ଆରମ୍ଭ ତାରିଖ - ଜୁନ୍ ୨୨, ୨୦୨୬ (୧୧.୦୦ ଘ.)

**ପ୍ରଯୁଜ୍ୟ ସର୍ତ୍ତାବଳୀ:**

୪. ସମସ୍ତ ସମ୍ପତ୍ତିଗୁଡ଼ିକୁ "ଯେଉଁଠି ଅଛି, ଯେମିତି ଅଛି, ଯାହା ବି ଅଛି" ଭିତ୍ତିରେ ବିକ୍ରି କରାଯିବ ଏବଂ ସେ ବାବଦୀୟ ସମସ୍ତ ଦାବିଦାରି, ଦେୟତା ଏବଂ/କିମ୍ବା ଋଣଭାର ପାଇଁ କ୍ରେତା ଦାୟୀ ରହିବେ।

୫. ଏହି ନୋଟିସରେ ଏବଂ ଏହି ଟେଣ୍ଡର ଦସ୍ତାବିଜ ଅଧୀନରେ ଜାରି କରାଯାଇଥିବା ଆର୍‌ଏଫ୍‌ପିରେ ସମ୍ପତ୍ତିଗୁଡ଼ିକର ଯେଉଁ ବିବରଣୀ ପ୍ରଦାନ କରାଯାଇଛି ତାହା ବିକ୍ରେତାଙ୍କୁ ଉପଲବ୍ଧ କରାଯାଇଥିବା ବିବରଣୀ ଅନୁଯାୟୀ ଅଟେ ଏବଂ ଯଦି କୌଣସି କାରଣରୁ ଉକ୍ତ ବିବରଣୀରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେଥିପାଇଁ ବିକ୍ରେତା କିମ୍ବା ଏଜେନ୍ସି କୌଣସି ଉପାୟରେ ମଧ୍ୟ ଦାୟୀ ରହିବେ ନାହିଁ।

୬. ଯଦି ସମ୍ପତ୍ତି/ତତ୍-ସମ୍ବନ୍ଧୀୟ ସ୍ୱତ୍ୱ କବଲାରେ କୌଣସି ଅସାମଞ୍ଜସ୍ୟ ପରିଲକ୍ଷିତ ହୁଏ, ତେବେ ସେଥିପାଇଁ କମିଟି କୌଣସି ଉପାୟରେ ମଧ୍ୟ ଦାୟୀ ରହିବ ନାହିଁ ଏବଂ ବିଡରମାନଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ସମ୍ପତ୍ତି ସମ୍ବନ୍ଧିତ ସ୍ୱତ୍ୱ କବଲାର ସତ୍ୟତା ସମ୍ପର୍କରେ ସ୍ୱାଧୀନ ଭାବେ ଯଥୋଚିତ ଅନୁସନ୍ଧାନ କରିବା ପରେ ହିଁ ନିଜର ବିଡ୍ ଦାଖଲ କରନ୍ତୁ।

CBC 15204/11/0009/2627

# ହସ୍ପିଟାଲରେ ନାଗସାପ ଆତଙ୍କ

**ଉଦ୍ଧାରକରି ପାହାଡ଼ରେ ଛାଡ଼ିଲା ସ୍ନେକ ହେଲ୍ପଲାଇନ**

ମାଲକାନଗିରି,୨୯।୪ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ହସ୍ପିଟାଲରେ ନାଗ ସାପ ଆତଙ୍କ ଯୋଗୁ ରୋଗୀ ଓ ଲୋକମାନେ ଭୟଭୀତ ହୋଇଥିବା ବୁଧବାର ଦେଖିବାକୁ ମିଳିଛି। ହସ୍ପିଟାଲ ଆଟେଣ୍ଡାଣ୍ଟ ଗଣେଶ ଠାକୁର ପୂଜାରୀ ଓ ଭାଗିରଥୀ ପାଣିଗ୍ରାହୀଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ରୋଗୀ ଓ ହସ୍ପିଟାଲରେ ଥିବା ଲୋକଙ୍କ ଜୀବନ ସୁରକ୍ଷିତ ହୋଇପାରିଛି। ସ୍ନେକ ହେଲ୍ପ ଲାଇନ ଦ୍ୱାରା ସାପକୁ ଉଦ୍ଧାର କରାଯାଇ ସୁରକ୍ଷିତ ଭାବେ ପାହାଡ଼ରେ ଛାଡି ଦିଆଯାଇଥିଲା। ସୂଚନାନୁଯାୟୀ, ଜିଲା ଚିକିତ୍ସାଳୟରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଭିଡ଼ ଲାଗି ରହିଥିଲା। ଆଟେଣ୍ଡାଣ୍ଟ ପୂଜାରୀ ଓ ଭାଗିରଥୀ ଗ୍ରାଉଣ୍ଡ ଫ୍ଲୋରରେ ଥିବା ଗଣେଶ ମୂର୍ତ୍ତି ନିକଟକୁ ଯାଇଥିଲେ। ପୂଜା କରିବାକୁ ସେ କାଚ କବାଟ ଖୋଲି ଭିତରକୁ ପଶିବା ବେଳେ ସାପ ଉପରେ ତାଙ୍କ ନଜର ପଡ଼ିଥିଲା। ଏହାକୁ ଦେଖି ଲୋକେ ଭୟଭୀତ ହୋଇଯାଇଥିଲେ। ଭାଗୀରଥୀ ସତର୍କ ଭାବେ ବନ୍ଦିର ଗୃହ କବାଟ ବନ୍ଦ କରିଦେଇଥିଲେ। ଏ ନେଇ ହସ୍ପିଟାଲ ମ୍ୟାନେଜର ବିଶ୍ୱଜିତ ପୃଷ୍ଟିଙ୍କୁ ଜଣାଇବାରୁ ସେ ସ୍ନେକ ହେଲ୍ପ ଲାଇନକୁ ସୂଚନା ଦେଇଥିଲେ। ସ୍ନେକ ହେଲ୍ପ ଲାଇନ ସଦସ୍ୟମାନେ ହସ୍ପିଟାଲରେ ପହଞ୍ଚି ସାପକୁ ଉଦ୍ଧାର କରି ମାଲ୍ୟବନ୍ତ ପର୍ବତରେ ସୁରକ୍ଷିତ ଭାବେ ଛାଡି ଦେଇଛନ୍ତି। ନାଗ ସାପଟି ପ୍ରାୟ ପାଞ୍ଚଫୁଟ ଲମ୍ବା ଥିବା ଜଣାପଡ଼ିଛି।



ସ୍ନେକ୍ ହେଲ୍ପ ଲାଇନ୍ ସଦସ୍ୟ ସାପକୁ ଉଦ୍ଧାର କରୁଛନ୍ତି।

No.12001/13/2627

**ODISHA PUBLIC SERVICE COMMISSION CUTTACK**

**NOTICE**

**No.2371/PSC, dt.29.04.2026**
**(1R-02-24/25) (DR-V)**

**Assistant Professor (Stage-I) (College Branch) (Advertisement No.27 of 2023-24)**

In pursuance to the provisions contained in Para-6 Sub para (C) of the Advertisement, the verification of documents of shortlisted candidates with respect to their eligibility and calculation of their API Scores for all 19 disciplines for the post of **Assistant Professor (Stage-I) (College Branch)**, pursuant to Advertisement No.27 of 2023-24 has already been conducted in different phases.

2. However in certain disciplines and for certain categories of candidates, in view of ineligibility and changes in the API Scores of some of the candidates whose documents have been verified, there is a further need of calling an additional number of candidates for document verification to completely meet the requirement of the provisions of Para-6 Sub para (C) & (D) of the Advertisement.

3. Hence the following additional number of candidates of 10 disciplines i.e. **Chemistry, Physics, Economics, Education, History, Logic & Philosophy, Political Science, Odia, English & Commerce** shortlisted on the basis of their provisional API Scores are hereby called for document verification which shall be held from **07.05.2026 to 13.05.2026 (except Govt. holidays)** in the Office of the Commission at 19, Dr. P. K. Parija Road, Cuttack 753001 as per the programme detailed below:

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| **History** | | |
| 07.05.2026 | 10.30 A.M. | P240311492 & P240302831 = **02 Candidates** |
| **Logic & Philosophy** | | |
| 07.05.2026 | 10.30 A.M. | P240267802, P240286574, P240284772, P240305192 & P240307354 = **05 Candidates** |
| **Political Science** | | |
| 07.05.2026 | 10.30 A.M. | P240311905, P240304609, P240306686, P240308298, P230106140, P240307332, P240305964, P240307877, P220017334 & P220064940 = **10 Candidates** |
| | 02.30 P.M. | P220058709, P240279478, P240296561, P220087759, P240306301, P240308313, P240307005, P220047003, P240305114, P240307333 & P240302696 = **11 Candidates** |
| **Odia** | | |
| 07.05.2026 | 10.30 A.M. | P230098423, P240306710, P240311204, P240307803, P240300085, P240268362, P240302091, P240307668, P240296508, P240303745, P240307907, P240245766, P240310933, P240311580 & P240305386 = **15 Candidates** |
| **English** | | |
| 07.05.2026 | 10.30 A.M. | P240307456 = **01 Candidate** |
| **Chemistry** | | |
| 08.05.2026 | 10.30 A.M. | P240297157, P240306420 & P240312480 = **03 Candidates** |
| **Physics** | | |
| 08.05.2026 | 10.30 A.M. | P220002966 = **01 Candidate** |
| **Economics** | | |
| 08.05.2026 | 10.30 A.M. | P240301654, P240308346, P220079096, P240304813, P240307343, P230115332, P220081688, P230104904 & P220086347 = **09 Candidates** |
| **Education** | | |
| 08.05.2026 | 10.30 A.M. | P240286410, P230152251, P240311523, P240282883, P240287331 & P240242851 = **06 Candidates** |
| | 02.30 P.M. | P220090030, P240282330, P240300289, P240265823, P220072308, P240293972, P220027528, P230163037, P240297049 P220013897, P240297838 & P220046514 **= 12 Candidates** |
| 11.05.2026 | 10.30 A.M. | P220075769, P230143720, P240271134, P240305130, P220085147, P240258910, P230163825, P240259888, P240264514, P240273548, P230117349, P240288590, P240263993, P240258885 & P240301492 = **15 Candidates** |
| | 02.30 P.M. | P230154537, P230133058, P240292832, P240290404, P240255606, P240280878, P240307322, P240302969, P230107937, P240266557, P240238886 & P230129648 **= 12 Candidates** |
| 12.05.2026 | 10.30 A.M. | P240293943, P240286126, P230099856, P230135608, P230133648 P230149979, P240295624, P240303024, P230155069, P240252496, P230130235, P240299170, P240286553, P230194928 & P230160217 = **15 Candidates** |
| | 02.30 P.M. | P230105404, P240301754, P240292112, P240269106, P230134502, P240287875, P240294581, P240262785, P240311349, P240300428, P240279465 & P230133838 **= 12 Candidates** |
| 13.05.2026 | 10.30 A.M. | P240305897, P240293503, P240314067, P240256023, P220041386, P230095299, P240255491, P240311944, P240293380, P230117606, P220077269, P240286608, P240295604, P240303484 & P220059584 = **15 Candidates** |
| | 02.30 P.M. | P230158064, P240261779, P220015841, P240255731, P240289431, P240309868, P240259359, P230098793, P230143239, P230140884, P240288449 & P240269806 **= 12 Candidates** |
| **Commerce** | | |
| 13.05.2026 | 10.30 A.M. | P240307824, P240312947, P220005992, P230196223, P230234102, P240296778, P240282460, P240306367, P240309468, P240313303, P240296449, P240299391, P220088185, P240302788, P220074691 & P240294245 **= 16 Candidates** |
| | 02.30 P.M. | P240296202, P240299949, P240306971, P240313580, P240306401, P240263601, P230135608, P220034579, P230092974, P230100086, P240282777 & P240307026 **= 12 Candidates** |

The candidates are required to submit the documents as per this Office **Notice No. 4271/PSC, dt. 21.06.2025** which is available on the Website of the Commission i.e. www.opsc.gov.in.

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note :-** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

**OIPR-12001/12002/1/26-27/0005** **Sd./- Secretary**

# ଜୁନ୍ ପହିଲାରୁ କାର୍ଯ୍ୟକ୍ଷମ ହେବ ରାୟଗଡ଼ା ରେଳ ଡିଭିଜନ

ରାୟଗଡ଼ା,୨୯।୪ (ଆଶିଷ ରଞ୍ଜନ ପଣ୍ଡା)

ପୂର୍ବତଟ ରେଲୱେର ରାୟଗଡ଼ା ରେଳ ଡିଭିଜନ ଆସନ୍ତା ଜୁନ୍ ୧ରୁ କାର୍ଯ୍ୟକ୍ଷମ ହେବ ବୋଲି ରେଳ ବିଭାଗ ପକ୍ଷରୁ ସୂଚନା ମିଳିଛି। ମଙ୍ଗଳବାର ଆନ୍ଧ୍ରପ୍ରଦେଶରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଘୋଷଣା କରିଥିଲେ ଯେ, ଜୁନ ୧ରେ ବିଶାଖାପାଟଣାରେ ଅବସ୍ଥିତ ଦକ୍ଷିଣ ତଟ ରେଳପଥ ଜୋନ୍ ଆନୁଷ୍ଠାନିକ ଭାବେ କାର୍ଯ୍ୟ କରିବ। ଏସ୍‌ସିଓଆର୍ ଜୋନ୍ ଦେଶର ୧୮ତମ ରେଳ ଜୋନ୍ ହେବ। ୱାଲଟିୟର ଡିଭିଜନ ଏଥିରେ ମିଶିବ; ଯାହାକି ଏବେ ଇଷ୍ଟକୋଷ୍ଟ ରେଳପଥ ଅଧୀନରେ ରହିଛି।




ପୂର୍ବତଟ ରେଳପଥ ସୂତ୍ରରୁ ପ୍ରକାଶ ଯେ, ଦକ୍ଷିଣ ତଟ ରେଳପଥ(ଏସ୍‌ସିଓଆର୍)ଜୋନ୍ ବିଜ୍ଞପ୍ତି ଦିନ ନୂତନ ରାୟଗଡ଼ା ଡିଭିଜନକୁ କାର୍ଯ୍ୟକ୍ଷମ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚଳିତ ବର୍ଷ ଜାନୁଆରୀ ୬ରେ ରାୟଗଡ଼ା ରେଳ ବିଭାଗ ଭବନର ମୂଳଦୁଆ ପକାଇଥିଲେ। ଏହି ନୂତନ ରାୟଗଡ଼ା ରେଳ ଡିଭିଜନ ଓଡ଼ିଶାର ରେଳ ଭିତ୍ତିଭୂମିକୁ ମଜଭୁତ କରିବ। ବିଶେଷକରି ଦକ୍ଷିଣ ଓଡ଼ିଶାବାସୀ ତଥା ଅଧିକ ସଂଖ୍ୟକ ଆଦିବାସୀ ଉପକୃତ ହେବେ। ଏହି ଡିଭିଜନରେ କୋରାପୁଟ-ସିଙ୍ଗାପୁର ରୋଡ୍ ରେଳପଥର ୧୬୪ କିଲୋମିଟର, ଥେରୁବାଲି-କୋନେରୁ ଷ୍ଟେଶନର ୩୬ କିଲୋମିଟର, କୋଟଭାଲସା-କିରାଣ୍ଡୁଲ (କେକେ) ଲାଇନର ୪୪୨ କିଲୋମିଟର ପାରଳାଖେମୁଣ୍ଡି-ଗୁଣପୁରର ୫୩.୫ କିଲୋମିଟର ରେଳପଥ ରହିବ। ୧୦୭ କୋଟି ଟଙ୍କା ବ୍ୟୟରେ ନିର୍ମାଣ ଚାଲିଥିବା ନୂତନ ରେଳ ଡିଭିଜନର ଆଧୁନିକ କାର୍ଯ୍ୟାଳୟ ଭିତ୍ତିଭୂମି ରହିବ। ଏଥିରେ ଡିଆର୍‌ଏମ୍ କାର୍ଯ୍ୟାଳୟ ଭବନ, ବିଭାଗୀୟ ନିୟନ୍ତ୍ରଣ କାର୍ଯ୍ୟାଳୟ ଏବଂ କର୍ମଚାରୀଙ୍କ ପାଇଁ ବାସଗୃହ ସୁବିଧା ରହିବ। ଏହି ପ୍ରକଳ୍ପର କାର୍ଯ୍ୟ ଜୋର୍‌ସୋରରେ ଚାଲିଛି। ଷ୍ଟାଫ୍ କ୍ୱାର୍ଟର୍ସ ମଧ୍ୟ ନିର୍ମାଣ କାର୍ଯ୍ୟ ଚାଲିଥିବା ରେଲୱେ ସୂତ୍ରରୁ ପ୍ରକାଶ।

## ରାୟଗଡ଼ାରେ ବର୍ଷା ସାଙ୍ଗକୁ କୁଆପଥର ମାଡ଼



ରାସ୍ତାରେ କୁଆପଥର ପଡ଼ିଛି।

### ଗରମରୁ ମିଳିଲା ଆଶ୍ୱସ୍ତି

ରାୟଗଡ଼ା, ୨୯।୪ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରରେ ବୁଧବାର ସକାଳୁ ପ୍ରବଳ ଗରମ ଅନୁଭୂତ ହେଉଥିବାବେଳେ ସନ୍ଧ୍ୟା ୭ଟାରୁ ଆରମ୍ଭ ହୋଇଥିଲା କୁଆପଥର ମାଡ଼ ସହ ବର୍ଷା । ଫଳରେ ସହରର ରାସ୍ତା ଏକ ପ୍ରକାର ଜନଶୂନ୍ୟ ହୋଇପଡ଼ିଥିଲା। ବର୍ଷା ଆରମ୍ଭ ହେବାର କିଛି ସମୟ ପରେ କୁଆପଥର ପଡିବା ଆରମ୍ଭ ହୋଇ ପ୍ରାୟ ୮ଟା ପର୍ଯ୍ୟନ୍ତ ପଡ଼ିଥିଲା । ଆଜ୍‌ବେଷ୍ଟସ୍, ଟିଣ ଛପରେ କୁଆପଥର ମାଡ ଯୋଗୁ ଏତେ ଜୋରରେ ଶବ୍ଦ ହେଉଥିଲା ଲୋକେ ଘର ଭିତରେ ଭୟଭୀତ ଅବସ୍ଥାରେ ରହିଥିଲେ। ଅଧିକାଂଶ ଟିଣ, ଆଜ୍‌ବେଷ୍ଟେସ୍ କୁଆପଥର ମାଡରେ ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଝରିଗାଁ, ଚନ୍ଦାହାଣ୍ଡିରେ ମୃଦୁ ଭୂମିକମ୍ପ ଅନୁଭୂତ

ଝରିଗାଁ,୨୯।୪(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ଓ ଚନ୍ଦାହାଣ୍ଡି ବ୍ଲକରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଛି। ବୁଧବାର ସନ୍ଧ୍ୟା ୭ଟା ୪୨ ମିନିଟ୍‌ରେ ଭୂମିକମ୍ପ ଅନୁଭୂତ ହୋଇଥିଲା। କେତେକ ସ୍ଥାନରେ ଲୋକେ ଭୟରେ ଘରୁ ବାହାରକୁ ଚାଲି ଆସିଥିଲେ। ଏହି ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୪.୧ ବୋଲି ଜଣାପଡିଛି। ତେବେ ଭୂମିକମ୍ପରେ କୌଣସି କ୍ଷୟକ୍ଷତି ହୋଇ ନ ଥିବା ଜଣାପଡ଼ିଛି। ବୁଧବାର ଅପରାହ୍ନରେ ଝରିଗାଁରେ କାଳ ବୈଶାଖୀ ପ୍ରଭାବରେ ଜୋରରେ ପବନ ବହିବା ସହ ବର୍ଷା ହୋଇଥିଲା। ଏହା ଛାଡିଯିବା ପରେ ଭୂମିକମ୍ପ ଅନୁଭୂତ ହୋଇଥିଲା।

### ଗାଁରେ ପହଞ୍ଚିଲା ଦାଦନ ଶ୍ରମିକଙ୍କ ମୃତଦେହ

ଦାରିଙ୍ଗବାଡ଼ି,୨୯।୪ (ଅରୁଣ ସାହୁ)

ମୁମ୍ବାଇରେ ୪ ମହଲାରୁ ଖସି ମୃତ୍ୟୁ ହୋଇଥିବା ଦାରିଙ୍ଗବାଡ଼ି ଲୋହରା ସାହିର ଶଙ୍କର ବିଶୋଇଙ୍କ ମୃତଦେହ ୩ ଦିନ ପରେ ବୁଧବାର ଗାଁରେ ପହଞ୍ଚିଛି। ସାହି ବାସିନ୍ଦାଙ୍କ ସହଯୋଗରେ ତାଙ୍କ ମୃତଦେହକୁ ନିକଟସ୍ଥ ଶ୍ମଶାନରେ ଶେଷକୃତ୍ୟ କରାଯାଇଛି। ଶଙ୍କରଙ୍କ ମୃତଦେହ ପହଞ୍ଚିବା ଖବର ଶୁଣି ତାଙ୍କୁ ଜାଣିଥିବା ଲୋକମାନେ ଘର ଆଗରେ ରୁଣ୍ଡ ହୋଇଥିଲେ। ଶଙ୍କର ୨୩ ତାରିଖରେ ଘରୁ ମୁମ୍ବାଇ ଦାଦନ ଖଟିବାକୁ ଯାଇଥିଲେ। ସେ ୨୫ରେ ପୂର୍ବ ମୁମ୍ବାଇର ଘଟକପୁରଠାରେ ପହଞ୍ଚି ୨୬ରେ ବିଶ୍ରାମ ନେଇ ୨୭ ତାରିଖ ସୋମବାର ଏକ କନଷ୍ଟ୍ରକ୍ସନ କମ୍ପାନୀର କୋଠା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। କିଛି ସମୟ କାର୍ଯ୍ୟ କରିବା ମଧ୍ୟରେ ସେ ଅସାବଧାନତା ଯୋଗୁ ୪ ମହଲାରୁ ଖସି ପଡିଥିଲେ। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହିଦିନ କମ୍ପାନୀ ଦ୍ୱାରା ଯୋଗାଇ ଦିଆଯାଇଥିବା ଆମ୍ବୁଲାନ୍ସରେ ପ୍ରାୟ ୧୫ ଶହ କିମି ମୁମ୍ବାଇରୁ ଦାରିଙ୍ଗବାଡ଼ି ଶଙ୍କରଙ୍କ ମୃତଦେହ ଆସିଥିଲା।

### ବଳାତ୍କାର ମାମଲାର ୱାରେଣ୍ଟି କୋର୍ଟ ଚାଲାଣ

ଦିଗପହଣ୍ଡି,୨୯।୪(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଗୁଡ଼ିଆପାଟଣା ଗ୍ରାମର ମିଟୁ ସ୍ୱାଇଁଙ୍କୁ ବୁଧବାର ପାଟପୁର ପୋଲିସ ଗିରଫ ପରେ ବ୍ରହ୍ମପୁର ଜିଲା ଜଜ୍ କୋର୍ଟକୁ ଚାଲାଣ କରିଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି। ମିଟୁ ଏକ ବଳାତ୍କାର ମାମଲାରେ ପୂର୍ବରୁ ଜେଲ ଯାଇଥିଲେ। ଜାମିନରେ ମୁକୁଳିବା ପରେ କୋର୍ଟଙ୍କ ଆଦେଶ ପ୍ରକାରେ ସେ କୋର୍ଟରେ ହାଜର ହୋଇନଥିବା କାରଣରୁ ଏସଟି ମାମଲା ନଂ.୩୯୭/୨୫ ଅନୁଯାୟୀ ତାଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା ଜାରି କରାଯାଇଥିଲା।

### ୧୨୫ କେଜି ଗଞ୍ଜେଇ ଜବତ

ଖଜୁରିପଡ଼ା,୨୯।୪ (ବିଦୁର ବେହେରା)

କନ୍ଧମାଳ ଜିଲା ଖଜୁରିପଡ଼ା ଥାନା ନୂଆଁଗାଁ ପଞ୍ଚାୟତର ଖଲି ବେରେଣା ଜଙ୍ଗଲରେ ଚାଲିଥିବା ଗଞ୍ଜେଇ ଚୋରା ଚାଲାଣକୁ ଧରିବାରେ ପୋଲିସ ସଫଳ ହୋଇଛି। ଖବର ପାଇ ଅତିରିକ୍ତ ତହସିଲଦାର ବ୍ରହ୍ମାନନ୍ଦ ଥାଟିଙ୍କ ନେତୃତ୍ୱରେ ଏକ ମିଳିତ ଟିମ ଚଢ଼ଉ କରିଥିଲା। ଏହି ଚଢ଼ଉରେ ଖଜୁରିପଡ଼ା ଏସ୍‌ଆଇ ଦୀନବନ୍ଧୁ ପ୍ରଧାନ ଏବଂ ସ୍ଥାନୀୟ ପୋଲିସ ବାହିନୀ ସାମିଲ ଥିଲେ। ଜଙ୍ଗଲରୁ ପ୍ରାୟ ୧୨୫ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ଥାନାରେ ନଂ. ୭୫/୨୬ ମାମଲା ରୁଜୁ କରାଯାଇଛି।

## ଜଳଛାୟା ପ୍ରକଳ୍ପ ପରିଦର୍ଶନକଲେ ଲୋକପାଳ



ଲୋକପାଳ ଅକ୍ଷୟ ଦାଶ ଓ ବିଭାଗୀୟ ଅଧିକାରୀ କାଜୁ ବଗିଚା ପରିଦର୍ଶନ କରୁଛନ୍ତି।

ଗୁଡ଼ାରି,୨୯।୪ (ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲା ଗୁଡ଼ାରି ବ୍ଲକ୍‌ର ମଧୁବନ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଅନ୍ଧାରଲିମା କାଜୁ ବଗିଚା କାମ ନିରୀକ୍ଷଣ କଲେ ଜିଲା ଆମ୍ବୁଡସ୍‌ମ୍ୟାନ ଅକ୍ଷୟ ଦାଶ। ସେଠାରେ ୫ ହେକ୍ଟର ଜମିରେ ପ୍ରାୟ ୭୨୦ ଚାରା ୨୦୨୪-୨୫ ଆର୍ଥିକ ବର୍ଷରେ ୪ଜଣ ହିତାଧିକାରୀଙ୍କୁ ବଣ୍ଟନ କରାଯାଇଥିଲା । ଏହି ପ୍ରକଳ୍ପ ପାଇଁ ୮, ୮୯, ୦୦୦ ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ ଶ୍ରମଜୀବୀମାନଙ୍କୁ ୫,୬୫, ୦୦୦ ଟଙ୍କା ପ୍ରଦାନ କରାଯାଇଛି। ଏହାଛଡ଼ା ୩,୨୩, ୯୦୦ ଟଙ୍କା ସାମଗ୍ରୀ କିଣା ପାଇଁ ଖର୍ଚ୍ଚ ହୋଇଥିବା ଜଣାପଡିଛି । ସେଥିରୁ ପ୍ରାୟ ୨୦ ପ୍ରତିଶତ ଗଛ ବଞ୍ଚିଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଲୋକପାଳ ସୂଚନା ଦେଇଛନ୍ତି। ଜିଲା ଜଳଛାୟା ବିଭାଗ ତରଫରୁ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନା ମାଧ୍ୟମରେ ଚାରା ଏବଂ ଗଛକୁ ଘେରିବା ପାଇଁ ବାଡ ଯୋଗାଇ ଦିଆଯାଇଥିବାବେଳେ ଏହାର ପରିମାଣ ଓ ମାନ ନଗଣ୍ୟ ଥିବା ସେ ପ୍ରକାଶ କରିଛନ୍ତି । ଲୋକପାଳଙ୍କ ପରିଦର୍ଶନ ସମୟରେ ବିଭାଗୀୟ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ସମ୍ପଦ ସ୍ୱରୂପ ସାମଲ, ସୁପରଭାଇଜର ଧୀରେନ ସାମଲ, ମଧୁବନ ସରପଞ୍ଚ ବଂଶୀ ଶବର, ମେଟ୍ ବଦ୍ରିନାଥ ଗମାଙ୍ଗ ଓ ହିତାଧିକାରୀ ବୁଦରୁ ମମ୍ବାଲକା ଉପସ୍ଥିତ ଥିଲେ।

## ବେଆଇନ ଗୁଟ୍‌ଖା ସହ ଅଟୋ ଜବତ,ଜଣେ ଗିରଫ

କୋରୁକୋଣ୍ଡା,୨୯।୪(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ଓର୍କେଲ ପୋଲିସ ବେଆଇନ ଗୁଟଖା ସହ ଅଟୋ ଜବତ କରି ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ସୁନୀଲ ଭତ୍ରା। ମଙ୍ଗଳବାର ଗୁଟଖା ବେଆଇନ ଭାବେ ଚାଲାଣ ହେଉଥିବା ଥାନାଧିକାରୀ ଧୀରେନ ପଟ୍ଟନାୟକ ଖବର ପାଇଥିଲେ। ଏସ୍‌ଆଇ ମନୋହର ସାହୁଙ୍କ ନେତୃତ୍ୱରେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ବାଲିମେଳା ଚିତ୍ରକୋଣ୍ଡା ଛକ ମଧ୍ୟରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ମାଲକାନଗିରି ପଟୁ ଏକ ଅଟୋ ବାଲିମେଳା ଅଭିମୁଖେ ଆସୁଥିବା ଦେଖି ପୋଲିସ ଯାଞ୍ଚ କରିଥିଲା। ଏଥିରେ ବିପୁଳ ପରିମାଣର ଗୁଟଖା ଥିବା ଦେଖିଥିଲେ। ଗୁଟଖା ସହ ଅଟୋ ଜବତ କରି ଥାନାକୁ ଆଣିଥିଲେ। ଗୁଟଖାଗୁଡିକ ବାଲିମେଳା ନିବାସୀ ପି. ମୋହନ ପାତ୍ରଙ୍କର ବୋଲି ସୂଚନା ମିଳିଛି। ଏ ନେଇ ଓର୍କେଲ ଥାନାରେ ନଂ.୧୧୮/୨୬ରେ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ପଟ୍ଟନାୟକ କହିଛନ୍ତି।

## ଗୁଣପୁରରେ ପ୍ରବଳ ଘଡ଼ଘଡ଼ି ସହ ବର୍ଷା ପବନ

### ବଜ୍ରପାତରେ ଜଳିଗଲା ନଡ଼ିଆଗଛ



ଗୁଣପୁର, ୨୯।୪ (ସଙ୍କେତ ପାତ୍ର/ ସୁଜାତା ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍‌ର ବିଭିନ୍ନ ସ୍ଥାନରେ ବୁଧବାର ସନ୍ଧ୍ୟାରେ କାଳବୈଶାଖୀର କରାଳରୂପ ଦେଖିବାକୁ ମିଳିଛି। ଏହାର ପ୍ରଭାବରେ ପ୍ରବଳ ଘଡଘଡି ସହ ବର୍ଷା ପବନ ହୋଇଛି। ସନ୍ଧ୍ୟା ପ୍ରାୟ ୭ଟା ୩୨ରେ ସ୍ଥାନୀୟ ଗୁଣପୁର ଶିବାନନ୍ଦ ମନ୍ଦିର ନିକଟସ୍ଥ ଏକ ନଡ଼ିଆ ଗଛକୁ ବିଜୁଳି ମାରିବାରୁ ଭୟଙ୍କର ଶବ୍ଦ ଓ ଆଲୋକ ଦୃଶ୍ୟ ଉପସ୍ଥିତ ଲୋକଙ୍କୁ ଭୟଭୀତ କରିଦେଇଥିଲା। ପ୍ରବଳ ବର୍ଷା ସତ୍ତ୍ୱେ ନଡ଼ିଆ ଗଛ ଜଳିବାକୁ ଲାଗିଥିଲା। ଘଟଣା ସମ୍ପର୍କରେ ସୂଚନା ପାଇ ଦମକଳ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବଜ୍ରପାତରେ କାହାର କିଛି କ୍ଷତି ଘଟି ନ ଥିବା ଦମକଳବାହୀ କର୍ମଚାରୀ ଏନ୍. ବିକ୍ରମ ପାତ୍ର ସୂଚନା ଦେଇଛନ୍ତି। ତେବେ ବୁଧବାର ବାରମ୍ବାର ଘଡ଼ଘଡ଼ି ଶବ୍ଦରେ ଗୁଣପୁର ସହର କମ୍ପି ଉଠିଥିଲା।ଏହା ସହ ପ୍ରବଳ ବର୍ଷା ଯୋଗୁ ରାସ୍ତାରେ ଯାତାୟାତ କରୁଥିବା ଲୋକେ ଭୟଭୀତ ହୋଇ ନିକଟସ୍ଥ ଘରମାନଙ୍କରେ ଆଶ୍ରୟ ନେଇଥିବା ଦେଖିବାକୁ ମିଳିଥିଲା। ବର୍ଷା ଯୋଗୁ ଲୋକଙ୍କୁ ପ୍ରବଳ ଗରମରୁ ଆଶ୍ୱସ୍ତି ମିଳିଛି । ବର୍ଷା ପବନ ଯୋଗୁ ଅଞ୍ଚଳରେ ଦୀର୍ଘ ସମୟ ଧରି ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହୋଇଥିଲା।

## ଓଡ଼ିଆ ଜାତିର ପ୍ରଗତିର କର୍ଣ୍ଣଧାର ଥିଲେ ମଧୁବାବୁ

ପଦ୍ମପୁର,୨୯।୪ (ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁରସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ କୁଳବୃଦ୍ଧ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ସହକାରୀ ଶିକ୍ଷକ ଦିଲୀପ କୁମାର କରଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଦ୍ମପୁର,ଗୁଣପୁର, ରାମନାଗୁଡ଼ା ବ୍ଲକ୍‌ର ନିମନ୍ତ୍ରିତ ସୁନାମଧନ୍ୟ ଓଡ଼ିଆ ଭାଷାବିତ, ସମାଜସେବୀଙ୍କୁ ଉପଢ଼ୌକନ ଦେଇ ସ୍ୱାଗତ କରାଯାଇଥିଲା। ପରେ ଅତିଥିମାନେ ମଧୁସୂଦନ ଦାସଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ପଦ୍ମପୁରର ଓକିଲ ସରୋଜ ପାଣିଗ୍ରାହୀ, ଗୁଣପୁରର ଓଡ଼ିଆ ଭାଷାବିତ ଓ ଶିକ୍ଷକ ରମେଶ ମିଶ୍ର, ଅଶ୍ୱିନୀ ତ୍ରିପାଠୀଙ୍କୁ ସମ୍ମାନିତ କରାଯାଇଥିଲା। ପଦ୍ମପୁରର ଓକେସିଏଲ୍ ଅନୁଷ୍ଠାନର ଚେୟାରମ୍ୟାନ ଲକ୍ଷ୍ମୀକାନ୍ତ ଦାସ ରାଜ୍ୟ ସରକାରଙ୍କ ଲିଖୋ ଓଡ଼ିଆ ଡିଜିଟାଲ ପ୍ଲାଟ୍‌ଫର୍ମ ବିଷୟରେ ଅବଗତ କରାଇଥିଲେ। ଓଡ଼ିଆ ଭାଷାବିତ ଦେବାଶିଷ ମହାପାତ୍ର, କବୟିତ୍ରୀ ଦେବହୁତୀ ଷଡ଼ଙ୍ଗୀ ଓ ଗାୟତ୍ରୀ ପଣ୍ଡା ମଧୁବାବୁଙ୍କ ଜୀବନୀ ବିଷୟରେ ଆଲୋକପାତ କରିଥିଲେ। ମଧୁବାବୁ ଓଡ଼ିଆ ଜାତିର ପ୍ରଗତିର କର୍ଣ୍ଣଧାର ଏବଂ ସ୍ୱାଭିମାନର ପ୍ରତୀକ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ପରେ ଅଞ୍ଚଳର କୋଭିଡ୍ ଯୋଦ୍ଧା ରୂପେ ପରିଚିତ ଡାକ୍ତର ମାନସିଂଙ୍କୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ରେଣୁବାଳା ନାୟକ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପଦ୍ମପୁର ବ୍ଲକ୍‌ର ଶିକ୍ଷକ ହରିଶ୍ଚନ୍ଦ୍ର ପଣ୍ଡା, ଶାନ୍ତନୁ ଦାସ, କରୁଣାକର ମାଝୀ, ସିଆର୍‌ସିସି ସୁମନ୍ତ ଶବର ଓ ଚିତ୍ତରଞ୍ଜନ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ବିଦ୍ୟୁତ୍ ଆଘାତରେ ଯୁବକ ଗୁରୁତର

ଆସିକା/ଧରାକୋଟ,୨୯।୪(ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଆସିକା ଥାନା ଅନ୍ତର୍ଗତ ଜଗନ୍ନାଥପଲ୍ଲୀ ଗ୍ରାମର ଜଣେ ଯୁବକ ବୁଧବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଛନ୍ତି। ସେ ହେଲେ ଜିତେନ୍ଦ୍ର ଦାସ (୩୫) । ତାଙ୍କ ଶରୀରର ବିଭିନ୍ନ ଅଂଶ ପୋଡିଯାଇଥିବାରୁ ଚିକିତ୍ସା ଲାଗି ପ୍ରଥମେ ଆସିକା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡମେଡିକାଲକୁ ପଠାଇ ଦିଆଯାଇଛି । ପାଟପୁର ଥାନା ଅନ୍ତର୍ଗତ କଙ୍କୋରଡା ଗ୍ରାମରେ ଶ୍ରମିକ କାମ କରି ପରିବାର ଚଳାଉଥିବା ଜିତେନ୍ଦ୍ର ବୁଧବାର ମଧ୍ୟାହ୍ନରେ ଏକ ଭୋଜିରେ ଯୋଗ ଦେବା ଲାଗି ପରିବାର ସହ ଗାଁକୁ ଆସୁଥିଲେ । ଉଡଗାଁ ଛକରେ ଗାଡିରୁ ଓହ୍ଲାଇ ବିଳମାଳ ଦେଇ ଆସୁଥିବା ବେଳେ ରାସ୍ତାରେ ଝୁଲି ରହିଥିବା ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଯାଇଥିଲେ । ତାଙ୍କ ଶରୀରର ୭୫ଭାଗ ପୋଡିଯାଇଥିବା କୁହାଯାଉଛି ।

## ଆନ୍ତଃ ରାଜ୍ୟ ଗଞ୍ଜେଇ ବେପାରୀ ଗିରଫ

ବ୍ରହ୍ମପୁର,୨୯।୪(ସୁବାସ ଚନ୍ଦ୍ର ପାଢ଼ୀ)

ଟ୍ରେନରେ ଚେନ୍ନାଇ ଗଞ୍ଜେଇ ଚଲାଣ ବେଳେ ଜଣେ ଆନ୍ତଃରାଜ୍ୟ ଗଞ୍ଜେଇ ବେପାରୀଙ୍କୁ ପୋଲିସ ଗିରଫ କରିଛି। ଗୋସାଇଁନୂଆଗାଁ ଥାନା ପୋଲିସ ତାଙ୍କଠାରୁ ୮ କେଜି ୧୨୫ ଗ୍ରାମ ଗଞ୍ଜେଇ ଜବତ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ତାମିଲନାଡୁ ରାଜ୍ୟ ତିରୁଭାଲୁର ଜିଲା ଚିନ୍ନାସେକ୍କାଡୁ ଅଞ୍ଚଳର ପ୍ରଭୁଦେବା ଦେବେନ୍ଦ୍ରନ(୨୭)। ମାମଲା ନଂ ୫୪/୨୬ ରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ମଙ୍ଗଳବାର ରାତି ଗୋସାଇଁନୂଆଗାଁ ଥାନା ଏସଆଇ ଗୌରବ ରଞ୍ଜନ ଦାସ ଏବଂ ତାଙ୍କ ଟିମ ରେଳଷ୍ଟେସନ ରୋଡ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଜଣେ ଯୁବକ ଧଳା ରଙ୍ଗର ଏକ ବଡ ଜରି ବ୍ୟାଗ ଧରି ରେଳ ଷ୍ଟେସନ ଆଡ଼କୁ ଯାଉଥିବା ଦେଖିବାକୁ ପାଇଥିଲେ। ମାଟିହାଣ୍ଡି ହୋଟେଲ ସମ୍ମୁଖ ରାସ୍ତାରେ ସନ୍ଦିଗ୍ଧ ଯୁବକଙ୍କୁ ଅଟକାଇ ପୋଲିସ ବ୍ୟାଗ ଯାଞ୍ଚ କରିଥିଲା। ବ୍ୟାଗ ଭିତରୁ ଉପରୋକ୍ତ ଗଞ୍ଜେଇ ମିଳିଥିଲା। ତାଙ୍କ ମୋବାଇଲ ଫୋନ ଜବତ ହୋଇଛି। ସେ ଉକ୍ତ ଗଞ୍ଜେଇକୁ ବ୍ରହ୍ମପୁରରୁ ଚେନ୍ନାଇକୁ ଚାଲାଣ କରିଥାନ୍ତେ ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି ।

## ସିଜିମାଳିରେ ପୋଲିସର ଜୁଲମ ପ୍ରତିବାଦରେ ଆଦିବାସୀଙ୍କ ଧାରଣା

ଜି.ଉଦୟଗିରି,୨୯।୪
(ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ)

ରାୟଗଡ଼ା ସିଜିମାଳି ଅଞ୍ଚଳର ଆଦିବାସୀମାନଙ୍କ ପ୍ରତି ପୋଲିସର ଜୁଲମ ଓ ଅମାନୁଷିକ ଅତ୍ୟାଚାର ବିରୋଧରେ ସ୍ଥାନୀୟ ନିଖିଳ ଉତ୍କଳ କୁଇସମାଜ ପକ୍ଷରୁ ମଙ୍ଗଳବାର ଜି.ଉଦୟଗିରିଠାରେ ଏକ ବିଶାଳ ରାଲି ସହ ଗଣଧାରଣା ଦିଆଯାଇଥିଲା। ସ୍ଥାନୀୟ ଅଞ୍ଚଳର ଶତାଧିକ ଆଦିବାସୀ ସମ୍ପ୍ରଦାୟର ଜନସାଧାରଣ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ହାତରେ ପ୍ଲାଗ କାର୍ଡ ଧରି ସହର ପରିକ୍ରମା କରିବା ସହ ବୀର ଚକରା ବିଶୋୟୀ ଓ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଦେଇଥିଲେ। ସିଜିମାଳିରେ ଆଦିବାସୀଙ୍କୁ ଅନ୍ୟାୟ ବିରୋଧରେ ପ୍ରତିବାଦ ସହ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ପାଇଁ ଓଡ଼ିଶାର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭାରପ୍ରାପ୍ତ ବିଡିଓ ସତ୍ୟନାରାୟଣ ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ରାଜ୍ୟ ଆଦିବାସୀ ସଂଘ ସଭାପତି ବିବେକାନନ୍ଦ ପ୍ରଧାନ, ଉପସଭାପତି ଅଜୟ ପ୍ରଧାନ, ରାଜ୍ୟ ଆଦିବାସୀ ମହାସଂଘ ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସମେତ ସମସ୍ତ ଆଦିବାସୀ ନେତୃବୃନ୍ଦ ଯୋଗ ଦେଇଥିଲେ। ରାଲି ଶାନ୍ତିପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଛି। ଆଇନ ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଆମର ହକ୍ ଅଧିକାର ପାଇଁ ଦୃଢ଼ତାର ସହିତ ସରକାରଙ୍କ ଠାରେ ଆମର ଦାବି ଉପସ୍ଥାପନ ଉପରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବୋଲି ରାଜ୍ୟ ଆଦିବାସୀ ସଂଘ ସଭାପତି ବିବେକାନନ୍ଦ ପ୍ରଧାନ କହିଛନ୍ତି।



ଧାରଣା ଦେଇଥିବା ନିଖିଳ ଉତ୍କଳ କୁଇ ସମାଜର କର୍ମକର୍ତ୍ତା।

## ସାମୂହିକ ପ୍ରଚେଷ୍ଟା ଦ୍ୱାରା ବାଲ୍ୟବିବାହ ରୋକାଯାଇପାରିବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ଗୁଡ଼ାରି,୨୯।୪ (ପ୍ରମୋଦ କୁମାର ପତି)

ବାଲ୍ୟବିବାହ ମୁକ୍ତ ଓଡ଼ିଶା ଗଠନ କରିବା ଲକ୍ଷ୍ୟରେ ବ୍ଲକ୍‌ସ୍ତରୀୟ ବାଲ୍ୟବିବାହ ନିରୋଧୀ ସଚେତନତା କାର୍ଯ୍ୟକ୍ରମ ଗୁଡ଼ାରି ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମନ୍ୱିତ ଶିଶୁ ବିକାଶ ଅଧିକାରୀ ଅନିତା କୁମାରୀ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗ, ସ୍ଥାନୀୟ ପୋଲିସ ଇନ୍ସପେକ୍ଟର ସଞ୍ଜୟ କୁମାର ଛତ୍ର, ଶିକ୍ଷା ବିଭାଗର କର୍ମଚାରୀ ଉପସ୍ଥିତ ରହି ବାଲ୍ୟବିବାହ ମୁକ୍ତ ନିମନ୍ତେ ସଚେତନତା ବାର୍ତ୍ତା ବର୍ଣ୍ଣନ କରିଥିଲେ। ଏହାଛଡ଼ା ସ୍ଥାନୀୟ ଏସ୍‌ଏସ୍‌ଡି ବିଦ୍ୟାଳୟ ଶିକ୍ଷକ, ଜାତି ସମାଜ ମୁଖ୍ୟ, ଗଣମାଧ୍ୟମ ପ୍ରତିନିଧି, ବ୍ଲକ୍‌ସ୍ତରୀୟ ଏସ୍‌ଏଚ୍‌ଜି ସଂଘର ସଦସ୍ୟା, ମାଟ୍ରନ, ଅଙ୍ଗନୱାଡି କର୍ମୀ, କିଶୋରୀ ବାଳିକା ଉପସ୍ଥିତି ରହି କାର୍ଯ୍ୟକ୍ରମକୁ କିପରି ସଫଳ କରାଯାଇପାରିବ ନିଜସ୍ୱ ମତ ରଖିଥିଲେ। ଉପଯୁକ୍ତ ଶିକ୍ଷା, ନୈତିକତାର ମୂଲ୍ୟବୋଧ, ସଂସ୍କାର ଓ ଚରିତ୍ର ଗଠନ ଉପରେ ଆଲୋକପାତ କରାଯାଇଥିଲା । ସାମୂହିକ ପ୍ରଚେଷ୍ଟା ବଳରେ ବାଲ୍ୟ ବିବାହକୁ ରୋକାଯାଇପାରିବ ଏବଂ ବାଲ୍ୟବିବାହ ମୁକ୍ତ ଓଡ଼ିଶା ଗଠନ କରାଯାଇପାରିବ ବୋଲି ସିଡିପିଓ କହିଥିଲେ। କାର୍ଯ୍ୟକ୍ରମର ଶେଷ ଭାଗରେ ବାଲ୍ୟବିବାହମୁକ୍ତ ଓଡ଼ିଶା ଗଠନ କରିବା ପାଇଁ ସାମୂହିକ ସଂକଳ୍ପ ପାଠ କରାଯାଇଥିଲା। ବାଲ୍ୟବିବାହ ପୁରାତନ ଯୁଗରେ କ'ଣ ଥିଲା ଏବଂ ଏବେ କ'ଣ ଅଛି ତା'ର ତୁଳନା କରି ନିଜ ବକ୍ତବ୍ୟ ରଖିଥିଲେ। ମିଶନ ଶକ୍ତି ବ୍ଲକ ସଂଯୋଜକ ସୁନୀଲ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିଲେ ଏବଂ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ସଂକ୍ଷେପରେ

### ଝରିଗାଁ, ଚନ୍ଦାହାଣ୍ଡିରେ ମୃଦୁ ଭୂମିକମ୍ପ ଅନୁଭୂତ

ଝରିଗାଁ,୨୯।୪(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ଓ ଚନ୍ଦାହାଣ୍ଡି ବ୍ଲକରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଛି। ବୁଧବାର ସନ୍ଧ୍ୟା ୭ଟା ୪୨ ମିନିଟ୍‌ରେ ଭୂମିକମ୍ପ ଅନୁଭୂତ ହୋଇଥିଲା। କେତେକ ସ୍ଥାନରେ ଲୋକେ ଭୟରେ ଘରୁ ବାହାରକୁ ଚାଲି ଆସିଥିଲେ। ଏହି ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୪.୧ ବୋଲି ଜଣାପଡ଼ିଛି। ତେବେ ଭୂମିକମ୍ପରେ କୌଣସି କ୍ଷୟକ୍ଷତି ହୋଇ ନ ଥିବା ଜଣାପଡ଼ିଛି। ବୁଧବାର ଅପରାହ୍ନରେ ଝରିଗାଁରେ କାଳ ବୈଶାଖୀ ପ୍ରଭାବରେ ଜୋରରେ ପବନ ବହିବା ସହ ବର୍ଷା ହୋଇଥିଲା। ଏହା ଛାଡ଼ିଯିବା ପରେ ଭୂମିକମ୍ପ ଅନୁଭୂତ ହୋଇଥିଲା।

### ବେଆଇନ ଗୁଟ୍‌ଖା ସହ ଅଟୋ ଜବତ,ଜଣେ ଗିରଫ

କୋରୁକୋଣ୍ଡା,୨୯।୪(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ଓର୍କେଲ ପୋଲିସ ବେଆଇନ ଗୁଟଖା ସହ ଅଟୋ ଜବତ କରି ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ସୁନୀଲ ଭଦ୍ରା। ମଙ୍ଗଳବାର ଗୁଟଖା ବେଆଇନ ଭାବେ ଚାଲାଣ ହେଉଥିବା ଥାନାଧିକାରୀ ଧୀରେନ ପଟ୍ଟନାୟକ ଖବର ପାଇଥିଲେ। ଏସ୍‌ଆଇ ମନୋହର ସାହୁଙ୍କ ନେତୃତ୍ୱରେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ବାଲିମେଳା ଚିତ୍ରକୋଣ୍ଡା ଛକ ମଧ୍ୟରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ମାଲକାନଗିରି ପଟୁ ଏକ ଅଟୋ ବାଲିମେଳା ଅଭିମୁଖେ ଆସୁଥିବା ଦେଖି ପୋଲିସ ଯାଞ୍ଚ କରିଥିଲା। ଏଥିରେ ବିପୁଳ ପରିମାଣର ଗୁଟଖା ଥିବା ଦେଖିଥିଲେ। ଗୁଟଖା ସହ ଅଟୋ ଜବତ କରି ଥାନାକୁ ଆଣିଥିଲେ। ଗୁଟଖାଗୁଡ଼ିକ ବାଲିମେଳା ନିବାସୀ ପି. ମୋହନ ପାତ୍ରଙ୍କର ବୋଲି ସୂଚନା ମିଳିଛି। ଏ ନେଇ ଓର୍କେଲ ଥାନାରେ ନଂ.୧୧୮/୨୬ରେ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ପଟ୍ଟନାୟକ କହିଛନ୍ତି।

### ୨ ବାଲି ବୋଝେଇ ଟ୍ରାକ୍ଟର ଜବତ



କୋରୁକୋଣ୍ଡା,୨୯।୪(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ଓର୍କେଲ ପୋଲିସ ପକ୍ଷରୁ ୨ ବାଲି ବୋଝେଇ ଟ୍ରାକ୍ଟରକୁ ମଙ୍ଗଳବାର ଜବତ କରାଯାଇଛି। ଥାନାଧିକାରୀ ଧୀରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ଅଜିତ ସିଂ ବାରିହାଙ୍କ ନେତୃତ୍ୱରେ ପୋଲିସର ଏକ ସ୍ୱତନ୍ତ୍ର ଟିମ ବାଲିମେଳା ଓ କୁଡୁମୁଲୁଗୁମ୍ମା ମଧ୍ୟରେ ପାଟ୍ରୋଲିଂ କରୁଥିବା ବେଳେ ନାଦିନୀଗୁଡା ଗ୍ରାମ ନିକଟ ଅଞ୍ଚଳରୁ ରାସ୍ତା ଦେଇ ୨ ଟ୍ରାକ୍ଟର(ଓଡି ୩୦-ବି -୩୬୪୭) ଓ ଅନ୍ୟ ନମ୍ବର ବିହୀନ ବାଲି ବୋଝଇ କରିଆସୁଥିଲା। ପୋଲିସ ୨ଗାଡିକୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ। ଉକ୍ତ ୨ ଗାଡିର ଚାଳକମାନେ ନେଉଥିବା ବାଲିର କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ୨ ଟ୍ରାକ୍ଟରକୁ ଏସ୍‌ଆଇ ବରିହା ଜବତ କରି ଥାନାକୁ ଆଣିଥିଲେ। ଏ ନେଇ ଓର୍କେଲ ଥାନାରେ ନଂ.୧୧୫/୨୬ ଓ୧୧୬/୨୬ରେ ୨ ପୃଥକ ମାମଲା ରୁଜୁ କରାଯାଇଛି।

### ଦୋକାନରୁ ବିଦେଶୀ ମଦ ଜବତ, ଜଣେ ଗିରଫ

କୋରୁକୋଣ୍ଡା,୨୯।୪(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ଓର୍କେଲ ଥାନା ଅଧୀନ ପୋଡାଘାଟ ପଞ୍ଚାୟତ ପୁସପାଲ୍ଲୀ ଗ୍ରାମର ଏକ ଦୋକାନରେ ପୋଲିସ ଚଢ଼ାଉ କରି ବେଆଇନ ଭାବେ ଗଚ୍ଛିତ ୩୪ ଲିଟର ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ ଜବତ କରିଛି। ଏଥିରେ ପୁସପାଲ୍ଲୀ ଗ୍ରାମର ସୁଦର୍ଶନ ଦାସାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏ ନେଇ ପୋଲିସ ପକ୍ଷରୁ ଓର୍କେଲ ଥାନାରେ ନଂ. ୧୧୪/୨୬ରେ ମାମଲା ରୁଜୁ କରାଯାଇଛି। ସୁଦର୍ଶନ ଦୋକାନରେ ଦୀର୍ଘ ଦିନ ଧରି ବେଆଇନ ଭାବେ ବିଦେଶୀ ମଦ ବିକ୍ରି କରିଆସୁଥିଲେ। ଥାନାଧିକାରୀ ଧୀରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର କୁଡୁମୁଲୁଗୁମ୍ମା ଫାଣ୍ଡି ଅଧିକାରୀ ଏଏସ୍‌ଆଇ କୃଷ୍ଣଚନ୍ଦ୍ର ହିଆଲଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ଦୋକାନରେ ଚଢ଼ାଉ କରିଥିଲେ।

# ଅନୁଦାନ ଠିକ୍ ଭାବେ ବ୍ୟବହାର ହେଉ ନ ଥିବା ଅଭିଯୋଗ

ନବରଙ୍ଗପୁର,୨୯।୪(ସଦାଶିବ ପ୍ରହରାଜ)

## ସରକାରୀ ଜମି ସୁରକ୍ଷା ପାଇଁ ପ୍ରତିବର୍ଷ ମିଳୁଛି ଅର୍ଥ

ସରକାରୀ ଜମିକୁ ଜବରଦଖଲରୁ ରକ୍ଷା କରିବା ପାଇଁ ସରକାର ପ୍ରତିବର୍ଷ ବ୍ୟାପକ ଅନୁଦାନ ଯୋଗାଇ ଆସୁଛନ୍ତି। ହେଲେ ନବରଙ୍ଗପୁର ଜିଲାରେ ଏହି ଅନୁଦାନ ଠିକ୍ ଭାବେ ବ୍ୟବହାର ହେଉ ନ ଥିବା ଅଭିଯୋଗ ହେଉଛି। ତହସିଲସ୍ତରରେ ଜମି ସୁରକ୍ଷା ଓ ପରିଚାଳନାର ଦାୟିତ୍ୱ ତହସିଲଦାରଙ୍କ ଉପରେ ଥାଏ। ସେମାନେ ସରକାରଙ୍କ ପକ୍ଷରୁ ମିଳୁଥିବା ଅନୁଦାନକୁ ବିଭିନ୍ନ କାର୍ଯ୍ୟ ଯେପରିକି ଜମି ଚିହ୍ନଟ, ପାଚେରି ନିର୍ମାଣ, ରେକର୍ଡ ସଂଶୋଧନ ଇତ୍ୟାଦିରେ ବ୍ୟୟ କରିଥାନ୍ତି। ଅଧିକାଂଶ ସ୍ଥାନରେ ଖର୍ଚ୍ଚ ହୋଇଥିବା ଟଙ୍କାର ରିପୋର୍ଟ ଦିଆଯାଉଥିବା ସତ୍ତ୍ୱେ ବକେୟା ଅର୍ଥର ଠିକ୍ ହିସାବ ପ୍ରଦାନ କରାଯାଉ ନ ଥିବା ଅଭିଯୋଗ ହେଉଛି। ୨୦୦୯ରୁ ୨୦୨୫ ବର୍ଷ ମଧ୍ୟରେ ନବରଙ୍ଗପୁର ଜିଲାକୁ ୧ କୋଟି ୧୮ ଲକ୍ଷ ୫୦ ହଜାର ଟଙ୍କା ଅନୁଦାନ ଆସିଥିଲା। ସେଥିମଧ୍ୟରୁ ୧ କୋଟି ୨୧ ଲକ୍ଷ ୨୧ ହଜାର ୭୧୦ ଟଙ୍କା ସରକାରଙ୍କ ମୂଲ୍ୟବାନ୍ ଜମି ସୁରକ୍ଷା ପାଇଁ ତା'ର ପାଚେରି ନିର୍ମାଣ ଓ ସୁରକ୍ଷା ବାଡ଼ ବନ୍ଧାଯାଇଥିବା କୁହାଯାଉଛି । ଖର୍ଚ୍ଚ ହୋଇଥିବା ଟଙ୍କାରେ ୬୭୦.୯୭ ଏକର ଜମି ସୁରକ୍ଷା ବାଡ଼ ଦିଆଯାଇଥିବା କାଗଜ କଲମରେ ଉଲ୍ଲେଖ ରହିଛି । ବାସ୍ତବରେ ଅନେକ ତହସିଲ ଅଞ୍ଚଳରେ ଅନୁଦାନ ଖର୍ଚ୍ଚ ହୋଇଥିଲେ ମଧ୍ୟ ସୁରକ୍ଷା ବାଡ ନାହିଁ । ଅନ୍ୟପକ୍ଷରେ ୬୦ ଲକ୍ଷ ୨୮ ହଜାର ୨୯୦ ଟଙ୍କାର ବ୍ୟବହାର ଉପଯୋଗୀ ପ୍ରମାଣପତ୍ର ତହସିଲଦାରମାନେ ୨୦୧୫ ବର୍ଷରୁ ପ୍ରଦାନ କରି ନ ଥିବା ଜଣାପଡ଼ିଛି। ପ୍ରତ୍ୟେକ ଖର୍ଚ୍ଚରେ ଠିକ୍ ହିସାବ ଓ ଅଡିଟ ବ୍ୟବସ୍ଥା କଡାକଡି କରାଯାଉ ନ ଥିବାରୁ ବ୍ୟବହାର ଉପଯୋଗୀ ପ୍ରମାଣପତ୍ର ପ୍ରଦାନ ହୋଇପାରୁନାହିଁ ବୋଲି ତହସିଲଦାରମାନେ କହିଛନ୍ତି। ସରକାରୀ ଜମିର ସୁରକ୍ଷା ପାଇଁ ତହସିଲଗୁଡିକୁ ପ୍ରଦାନ କରାଯାଉଥିବା ଟଙ୍କା ବ୍ଲକ ଉନ୍ନୟନ ବିଭାଗକୁ ତହସିଲଦାରମାନେ ପ୍ରଦାନ କରାଯିବା ସହ ବ୍ଲକ୍ ମାଧ୍ୟମରେ ସରକାରୀ ମୂଲ୍ୟବାନ ଜମିଗୁଡିକର ସୁରକ୍ଷା ବାଡ ଦିଆଯାଉଛି । ବ୍ଲକ କର୍ତ୍ତୃପକ୍ଷ ତହସିଲକୁ ଠିକ୍ ଖର୍ଚ୍ଚ ହିସାବ ଦେଇ ନ ଥିବା ଏଭଳି ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଯଦି ଅନୁଦାନ ଠିକ୍ ଭାବରେ ବ୍ୟୟ ହେଉନାହିଁ, ତେବେ ଜମି ଜବରଦଖଲରେ ପଡ଼ିବାର ଆଶଙ୍କା ବଢ଼ିବାରେ ଲାଗିଛି । ଏନେଇ ଡିଜିଟାଲ ରେକର୍ଡ ରଖିବା ଓ ସାର୍ବଜନୀନ ପର୍ଯ୍ୟବେକ୍ଷଣ ବ୍ୟବସ୍ଥା ଆଣିବା ଉଚିତ, ଯାହା ମାଧ୍ୟମରେ ସାଧାରଣ ଲୋକମାନେ ମଧ୍ୟ ତଥ୍ୟ ଜାଣିପାରିବେ ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନଙ୍କୁ ପଚାରିବାରୁ କେଉଁ ସରକାରୀ ଜମି ସୁରକ୍ଷା ପାଇଁ ଟଙ୍କା ଖର୍ଚ୍ଚ ହୋଇଛି, କିନ୍ତୁ ବାସ୍ତବରେ ସୁରକ୍ଷା ବାଡ କରାଯାଇନାହିଁ, ସେନେଇ ନିର୍ଦ୍ଦିଷ୍ଟ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ବିଡିଓମାନେ ମଧ୍ୟ ବ୍ୟବହାର ଉପଯୋଗୀ ପ୍ରମାଣପତ୍ର ପ୍ରଦାନ କରୁ ନାହାନ୍ତି। ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ସେ କହିଛନ୍ତି ।

# ଡୁମୁନିଗୁଡ଼ାରେ ମା' ଦୁଲାରଦେଇଙ୍କ ଚୈତ୍ରଯାତ୍ରା



ଦେବଦେବୀମାନଙ୍କ ପ୍ରତୀକ ଲାଠି କୁର୍ଚ୍ଚି।

ଡାବୁଗାଁ,୨୯।୪ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ପଞ୍ଚାୟତ ଅଧୀନ ଡୁମୁନିଗୁଡ଼ା ଗ୍ରାମରେ ମଙ୍ଗଳବାର ମା ଦୁଲାରଦେଇଙ୍କ ଚୈତ୍ରଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆଖପାଖ ଅଞ୍ଚଳରୁ ଦେବଦେବୀମାନଙ୍କ ପ୍ରତୀକ ଲାଠି କୁର୍ଚ୍ଚି, ପୂଜାରୀ, ଶିରା ଆସି ମା ଦୁଲାରଦେଇଙ୍କ ମନ୍ଦିର ନିକଟରେ ପହଞ୍ଚିଥିଲା। ସେଠାରେ କେଶବ ପୂଜାରୀ, ବୃନ୍ଦା ପୂଜାରୀଓ ସମସ୍ତ ପୂଜାରୀଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା । ପରେ ମା' ଗ୍ରାମ ପରିକ୍ରମା କରି ମନ୍ଦିର ନିକଟକୁ ଫେରି ଆସିଥିଲେ। ମନ୍ଦିର ପରିସରରେ ସମ୍ମାନର ଲାଠି କୁର୍ଚ୍ଚି ରଖାଯାଇଥିଲା। ମନ୍ଦିର ପରିସରରେ ଉଠା ଦୋକାନ ବଜାର ବସିଥିଲା। ରାତିରେ ଲୋକଙ୍କ ମନୋରଞ୍ଜନ ନିମନ୍ତେ କର୍ଣ୍ଣ ଗୁରୁଙ୍କ ନିର୍ଦ୍ଦେଶିତ ଦେଶିଆ ନାଟ 'କେମିତି କହିବି ଏମିତି କଥା' ପ୍ରଦର୍ଶିତ ହୋଇଛି। ଯାତ୍ରାକୁ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ମିଶ୍ର, ଜିଲା ସମ୍ପାଦକ ଆର୍. ପ୍ରକାଶ ରାଓ, ଜିଲା ପରିଷଦ ସଭ୍ୟ ଗୁପ୍ତ ବିଷୋୟୀ, ବ୍ଲକ ସମ୍ପାଦକ ଗେଦୁ ପଟ୍ଟନାୟକ, ମଧୁସୂଦନ ପାତ୍ର ପ୍ରମୁଖ ଗ୍ରାମ ପରିକ୍ରମାରେ ଅଂଶଗ୍ରହଣ କରିଥିଲେ। କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ଭଗବାନ ପାତ୍ର, ପ୍ରହଲ୍ଲାଦ ମହାନ୍ତି, ରାମ ନାୟକ, ଦୁର୍ଯ୍ୟୋଧନ ନାୟକ, ଗୋପୀ ଜାନି, କେଶବ ଜାନି, ଅନନ୍ତ ମାଝୀ, ବେଣୁ ଜାନି, ଦେବେନ୍ଦ୍ର ସିଂ, ପବିତ୍ର ହରିଜନ ପ୍ରମୁଖ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।

# ଗୁରୁକୃପା ପବ୍ଲିକ୍ ସ୍କୁଲରେ ଅଭିଭାବକ ସମ୍ମିଳନୀ



ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଉପସ୍ଥିତ ଅଭିଭାବକମାନେ।

ନବରଙ୍ଗପୁର, ୨୯।୪ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଗୁରୁକୃପା ପବ୍ଲିକ ସ୍କୁଲ ପରିସରରେ ୫ ଦିନିକିଆ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷା ମୋନାଲିସା ରଥଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଅଭିଭାବକ ଯୋଗ ଦେଇଥିଲେ। ନବରଙ୍ଗପୁର ଭଳି ଉପାନ୍ତ ଅଞ୍ଚଳରେ ପ୍ରତିବର୍ଗର ଛାତ୍ରୀଛାତ୍ରଙ୍କ ଶିକ୍ଷାଗତ ଉନ୍ନତି ଏବଂ ସେମାନଙ୍କର ପରୀକ୍ଷାଫଳ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯିବା ସହ ପିଲାମାନଙ୍କର ନିୟମିତ ଉପସ୍ଥାନ ଏବଂ ବିଦ୍ୟାଳୟର ଶୃଙ୍ଖଳା ରକ୍ଷା କରିବା ଦିଗରେ ଅଭିଭାବକଙ୍କ ସହଯୋଗ କାମନା କରାଯାଇଥିଲା। ପାଠପଢ଼ା ସହିତ ପିଲାମାନଙ୍କ ଖେଳକୁଦ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଅଭିଭାବକମାନେ ନିଜ ନିଜ ପିଲାଙ୍କ ବିଭିନ୍ନ ସମସ୍ୟା ବିଷୟରେ ଶିକ୍ଷକମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ ଏବଂ ଶିକ୍ଷକମାନେ ତାହାର ସମାଧାନ ପାଇଁ ପରାମର୍ଶ ଦେଇଥିଲେ। ୫ଦିନ ଧରି ଚାଲିଥିବା ଏହି ସଭାରେ ସମସ୍ତ ଅଭିଭାବକ ଅଂଶଗ୍ରହଣ କରିଥିବାରୁ ବରିଷ୍ଠ ଶିକ୍ଷୟିତ୍ରୀ ହମିଦା ବାନୁ ଏବଂ ରଶ୍ମିତା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ସଚିନ ଦାସ ଏହି ସଭା ଦ୍ୱାରା ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ହେବା ସହ ପିଲାଙ୍କ ଭବିଷ୍ୟତ ଗଠନରେ ଏହା ସହାୟକ ହେବ ବୋଲି ମତ ପ୍ରକାଶ କରିଥିଲେ। ପିଲାମାନଙ୍କ ସର୍ବାଙ୍ଗୀନ ବିକାଶ ନମନ୍ତେ କେବଳ ପରୀକ୍ଷାରେ ଭଲ ନମ୍ବର ରଖିବା ଯଥେଷ୍ଟ ନୁହେଁ, ଜ୍ଞାନ ଅର୍ଜନରେ ମୂଳତଃ ଦୃଢ଼ ହେବା ବିଧେୟ ଏବଂ ଏଥି ସକାଶେ ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରହିବା ଆବଶ୍ୟକ ବୋଲି ଜନ ସମ୍ପର୍କ ଅଧିକାରୀ ଇଂ.ଚନ୍ଦନା ମଲ୍ଲିକ ମତବ୍ୟକ୍ତ କରିଥିଲେ।

# ୯ରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ମାଲକାନଗିରି,୨୯।୪(ଦୁର୍ଯ୍ୟୋଧନ ପାତ୍ର)

ଜାତୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶକ୍ରମେ ଆସନ୍ତା ୯।୫।୨୬ରେ ଜିଲା ଆଇନ ସେବା ପ୍ରାଧିକରଣ ସମେତ ମୋଟୁ, କୁଡୁମୁଲୁଗୁମ୍ମା, ମାଥିଲି କୋର୍ଟ ପରିସରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ପ୍ରକାର ମାମଲାର ବିଚାର କରାଯିବ। ଯେମିତିକି ଫୌଜଦାରୀ, ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣା ଜନିତ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ବିଲ ଜନିତ ମାମଲା ସମେତ ବୈବାହିକ ବିବାଦ, ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ ଆଦି ମାମଲାର ବିଚାର କରାଯିବ। ତେଣୁ ଏହି ଲୋକ ଅଦାଲତ ମାଧ୍ୟମରେ ଉପରୋକ୍ତ ଜଟିଳ ମାମଲାର ଶୀଘ୍ର ସମାଧାନ ନିମନ୍ତେ ଭାଗ ନେବା ପାଇଁ ମାଲକାନଗିରି ଜିଲା ଆଇନ ସେବା ପ୍ରାଧିକରଣ ଓ ତାଲୁକ ଆଇନ ସେବା କମିଟି ପକ୍ଷରୁ କୁହାଯାଇଛି ।

# କାଳବୈଶାଖୀ ପ୍ରଭାବରେ ପବନ ଯୋଗୁ ଭାଙ୍ଗିଲା ଘର



କୁଆପଥର ବର୍ଷା ଯୋଗୁ ଟିଣ ଘର ନଷ୍ଟ ହୋଇଯାଇଛି।

ଉମରକୋଟ,୨୯।୪(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକରେ ବିଭିନ୍ନ ସ୍ଥାନରେ ବୁଧବାର ସନ୍ଧ୍ୟାରେ କାଳବୈଶାଖୀର କରାଳ ରୂପ ଦେଖିବାକୁ ମିଳିଛି । ସନ୍ଧ୍ୟା ପ୍ରାୟ ୫ଟାରେ ହଠାତ୍ ପାଗ ପରିବର୍ତ୍ତନ ହେବା ସହ ବିଭିନ୍ନ ସ୍ଥାନରେ ଜୋରରେ ପବନ ବହିବା ସହ ପ୍ରାୟ ୧ଘଣ୍ଟା ଧରି କୁଆପଥର ବର୍ଷା ହୋଇଥିଲା । ଫଳରେ ଅନେକ ସ୍ଥାନରେ ଆଜ୍‌ବେଷ୍ଟସ ଓ ଟିଣ ପଡ଼ିଥିବା ଘରଗୁଡ଼ିକ ନଷ୍ଟ ହୋଇଯାଇଛି । ବିଶେଷକରି ଉମରକୋଟ ବ୍ଲକର କୁର୍ସି ପଞ୍ଚାୟତର ଭାଲୁଡଙ୍ଗରି ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ସୂଚନା ମିଳିଛି । ପ୍ରାୟ ୨୦ ଘର ନଷ୍ଟ ହେବା ସହ ଚାଷୀଙ୍କ କଷ୍ଟାର୍ଜିତ ଫସଲ ମଧ୍ୟ ନଷ୍ଟ ହୋଇଯାଇଛି। ମୁଣ୍ଡ ଗୁଞ୍ଜିବାକୁ ଛାତ ନ ଥିବାରୁ ଏବେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ବୈଠକ ଅଧାରୁ ଉଠି ଚାଲିଗଲେ ସରପଞ୍ଚ, ସମିତି ସଭ୍ୟ

## ତେନ୍ତୁଲିଖୁଣ୍ଟି ପଞ୍ଚାୟତ ସମିତି ବୈଠକ

ତେନ୍ତୁଲିଖୁଣ୍ଟି,୨୯।୪ (ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ୍‌ସ୍ଥିତ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବୁଧବାର ଅଷ୍ଟମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ତେନ୍ତୁଲିଖୁଣ୍ଟି ପଞ୍ଚାୟତ ସମିତି ଅଧକ୍ଷା ନୀଳେନ୍ଦ୍ରୀ ନାୟକ, ଉପାଧକ୍ଷ ରାଜେନ୍ଦ୍ର ବିଷୋୟୀ, ଜିଲା ପରିଷଦ ସଭ୍ୟ ରତିକାନ୍ତ ପଣ୍ଡା, ବିଧାୟକ ପ୍ରତିନିଧି ହରେକୃଷ୍ଣ ମୁଦୁଲି, ବିଡିଓ ମନୋଜ ପାଣିଗ୍ରାହୀ, ନିର୍ବାହୀ ଯନ୍ତ୍ରୀ ଗୋବିନ୍ଦ କହଁର ବୈଠକର ଶୁଭାରମ୍ଭ କରିଥିଲେ। ପ୍ରାରମ୍ଭରେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରାଧାକାନ୍ତ ରଣା ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଏହି ସମୟରେ ସମିତି ଓ ସରପଞ୍ଚ ସମନ୍ୱୟ ସଂଘର ୧୫ରୁ ଉର୍ଦ୍ଧ୍ୱ ସଦସ୍ୟ ଦୀର୍ଘ ୮ ମାସ ଧରି କାହିଁକି ସମିତି ବୈଠକ ହୋଇପାରିଲା ନାହିଁ ବୋଲି ଅଧକ୍ଷାଙ୍କୁ ପ୍ରଶ୍ନ କରିଥିଲେ। ଅଧକ୍ଷା,ଏମ୍‌ପି, ବିଧାୟକଙ୍କୁ ସମୟ ହେଉ ନ ଥିବାରୁ ଏବଂ ତାଙ୍କ ସ୍ୱାସ୍ଥ୍ୟ ଖରାପ ଯୋଗୁ ବୈଠକ ହୋଇପାରୁ ନ ଥିଲା କହିବା ସହ କ୍ଷମା ପ୍ରାର୍ଥନା କରିଥିଲେ। ଏହି କଥାରେ ଅସନ୍ତୋଷ ପ୍ରକାଶ କରି ସମିତି ଓ ସରପଞ୍ଚ ସମନ୍ୱୟ ସଂଘର ସଦସ୍ୟମାନେ ବୈଠକରୁ ଉଠି ଚାଲିଯାଇଥିଲେ। କିନ୍ତୁ ବୈଠକରେ ଆଲୋଚନା ଜାରି ରଖାଯାଇଥିଲା।

ପ୍ରତି ବିଦ୍ୟାଳୟରେ କିଚେନ ଗାର୍ଡେନ ହେବ ଏବଂ ସେଥିରୁ ଉତ୍ପାଦିତ ପନିପରିବା ମଧ୍ୟାହ୍ନଭୋଜନରେ ବ୍ୟବହାର ହେବ ବୋଲି ଆଲୋଚନା ହୋଇଥିଲା। ବ୍ଲକ୍‌ରେ ବାଲ୍ୟବିବାହ ରୋକିବାକୁ ପ୍ରୟାସ ଜାରି ରହିଛି ବୋଲି ସମନ୍ୱିତ ମହିଳା ଏବଂ ଶିଶୁ ବିକାଶ ଅଧିକାରୀ ସୂଚନାଦେଇଥିଲେ। ବ୍ଲକ୍‌ରେ ୩୯୫ ନୂଆ ହିତାଧିକାରୀ ଯୋଡ଼ିହୋଇଛନ୍ତି ବୋଲି ସାମାଜିକ ସୁରକ୍ଷା ଅଧିକାରୀ ଓ ଯୋଗାଣ ବିଭାଗ ଅଧିକାରୀ ସାମାଜିକ ସୁରକ୍ଷା ଅଧିକାରୀ ସୂଚନା ଦେଇଥିଲେ। ପାନୀୟ ଜଳ ବିଭାଗର ଆଲୋଚନା ବେଳେ କାମତା, କଣ୍ଟାଗାଁ, କଂଗ୍ରା ପଞ୍ଚାୟତରେ ପାନୀୟଜଳ ସମସ୍ୟା ରହିଥିବା ମତ ପ୍ରକାଶ ପାଇଥିଲା। ବିଦ୍ୟୁତ୍ ବିଭାଗର ସୋଲାର ସଂଯୋଗ ବିଷୟରେ ଆଲୋଚନା କରିଥିଲେ। ଗ୍ରାମ୍ୟ ଉନ୍ନୟନ ଅଧିକାରୀ ପଞ୍ଚାୟତ ସମିତିର ବିଭିନ୍ନ ରାସ୍ତା ନିର୍ମାଣ ଉପରେ କହିଥିଲେ। ଆବାସ ଯୋଜନା, କୃଷି ବିଭାଗ, ମଙ୍ଗଳ ବିଭାଗ, ସ୍ୱଚ୍ଛ ଭାରତ ମିଶନ, ଉନ୍ନୟନ ବିଭାଗ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ବୈଠକରେ ସରପଞ୍ଚ ଭୁବନେଶରୀ ନାୟକ,ତ୍ରିପତି ମହାନ୍ତି, କାର୍ତ୍ତିକ ମୁଦୁଲି, ଥମେଶ୍ୱରୀ ଭୋଇ, ସମିତି ସଭ୍ୟ ବିଦ୍ୟୁସ୍ମିତା ଯାନୀ, ବସନ୍ତ ସଗରୀୟା ,ସୁଶୀଳା ପୂଜାରୀ, କ୍ରିଷ୍ଣା ମଞ୍ଜରୀ ବିଷୋୟୀ, ନୀଲାଦ୍ରୀ ନାୟକ, ରାଜେନ୍ଦ୍ର ବିଷୋୟୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗନେଇଥିଲେ। ଶେଷରେ ପଞ୍ଚାୟତ ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଉତ୍କଳ ସାମ୍ବାଦିକ ସଂଘର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ମାଲକାନଗିରି,୨୯।୪(ଗୌରିଶଙ୍କର ପଣ୍ଡା)





ଦାବିପତ୍ର ଦେବାକୁ ଆସିଥିବା ଉତ୍କଳ ସାମ୍ବାଦିକ ସଂଘର ସଦସ୍ୟମାନେ।

ରାଜ୍ୟ ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୁତି ଭୂଷଣ କରଙ୍କ ନିର୍ଦ୍ଦେଶ କ୍ରମେ ମାଲକାନଗିରି ଜିଲା ଶାଖା ପକ୍ଷରୁ ଖବରଦାତାମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ୬ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବୁଧବାର ପ୍ରଦାନ କରାଯାଇଛି। ରାଜ୍ୟରେ ଖବରଦାତାମାନେ ଦୀର୍ଘଦିନ ଧରି ବିଭିନ୍ନ ପ୍ରଶାସନିକ ଓ ସାମାଜିକ ସମସ୍ୟା ସମ୍ମୁଖୀନ ହେଉଛନ୍ତି। ଭାଜପା ପକ୍ଷରୁ ଖବରଦାତାଙ୍କ ନ୍ୟାୟସଙ୍ଗତ ଦାବିଗୁଡ଼ିକ ପୂରଣ କରିବେ ବୋଲି ଆଶ୍ୱାସନା ଦିଆଯାଇଥିଲା। ବର୍ତ୍ତମାନ ଭାଜପା ସରକାର ଗଠନ ପରେ ପ୍ରତିଶ୍ରୁତି ଅମଲ ହୋଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିରୋଧୀ ଦଳରେ ଥିବା ସମୟରେ ଦାବିଗୁଡ଼ିକୁ ସମର୍ଥନ କରିଥିଲେ। ଏହା ସତ୍ତ୍ୱେ ଏହାର ପ୍ରତିଫଳ ଦେଖିବାକୁ ମିଳୁ ନ ଥିବା ସଂଘ ଅଭିଯୋଗ କରିଛି। ଜିଲା ଉତ୍କଳ ସାମ୍ବାଦିକ ସଂଘ ସଭାପତି ଅଶୋକ ମିଶ୍ରଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିଗୁଡ଼ିକ ମଧ୍ୟରେ ଅଧିସ୍ୱୀକୃତି କମିଟିର ପୁନର୍ଗଠନ ଓ ପ୍ରଚଳିତ ଆଇନରେ ସଂଶୋଧନ କରି ଯୋଗ୍ୟ ଖବରଦାତାଙ୍କୁ ବ୍ୟାପକ ମାନ୍ୟତା, ଖବରଦାତା ସୁରକ୍ଷା ଆଇନ ପ୍ରଣୟନ, ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଖବରଦାତାଙ୍କ ପାଇଁ ମାସିକ ଅନ୍ୟୁନ ୧୫ ହଜାର ଟଙ୍କା ପେନସନ ବ୍ୟବସ୍ଥା, ଓଡ଼ିଶା ପ୍ରେସ ଏକାଡେମୀ ଗଠନ ସହ ଭୁବନେଶ୍ୱରରେ ଭବନ ନିର୍ମାଣ କରି ଖବରଦାତାଙ୍କ ପାଇଁ ସ୍ୱଳ୍ପ ମୂଲ୍ୟରେ ରହଣୀ ସୁବିଧା, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅବସରପ୍ରାପ୍ତ ଖବରଦାତା ଓ ପରିବାର ସଦସ୍ୟଙ୍କ ସାମିଲ ଓ ମୃତ୍ୟୁକାଳୀନ ଅନୁକମ୍ପା ରାଶିକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ଆଦି ରହିଛି। ଏହି ସମୟରେ ସଂଘର କୋଷାଧକ୍ଷ ହୃଷୀକେଶ ଶେଠୀ, ଉପଦେଷ୍ଟା ବାଳକୃଷ୍ଣ ପ୍ରଧାନ, ଗୌରୀଶଙ୍କର ପଣ୍ଡା, ଦିଲୀପ ପଟ୍ଟନାୟକ, ଶିବନାରାୟଣ ପାତ୍ର ଓ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

# ବିଧାୟକଙ୍କ ସୁପାଲୁ ଗ୍ରାମକୁ ଆଦର୍ଶ ଗ୍ରାମ ଗ୍ରହଣ





କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ ନରସିଂହ ମାଡକାମୀ ଓ ଅନ୍ୟମାନେ।

କାଲିମେଳା, ୨୯।୪(ଜୀବନ କୃଷ୍ଣ ଦାସ)

ମାଲକାନଗିରି ବିଧାୟକ ନରସିଂହ ମାଡକାମି କାଲିମେଳା ବ୍ଲକ ଅଧୀନ ଚିତ୍ରଙ୍ଗପଲ୍ଲୀ ପଞ୍ଚାୟତରେ ସୁପାଲୁ ଗ୍ରାମକୁ ଆଦର୍ଶ ଗ୍ରାମ ଭାବେ ଗ୍ରହଣ କରି ବୁଧବାର ଉଦ୍‌ଘାଟନ କରିଛନ୍ତି। ଏଥିରେ ମାଲକାନଗିରି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଗଙ୍ଗାଧର ସୋଡି, ଏମ୍‌ପି ପ୍ରତିନିଧି ସଞ୍ଜୟ ସରକାର, ପିଏଆଇଟିଡିଏ ହରଧର ଶବର, କାଲିମେଳା ବିଡିଓ ପ୍ରଦୀପ କୁମାର କର,ଜିଲା ଉପସଭାପତି ଭବାନି ଶଙ୍କର ମୁଖାର୍ଜୀ, ସରପଞ୍ଚ କୌଶଲ୍ୟା କବାସି ପ୍ରମୁଖ ଉପସ୍ଥିତ ଥିଲେ। ଆଦର୍ଶ ଗ୍ରାମ ଭାବେ ନିଆଯାଇଥିବାରୁ ଲୋକଙ୍କୁ ପାନୀୟ ଜଳ ରାସ୍ତାଘାଟ, ବିଦ୍ୟାଳୟ ବିଦ୍ୟୁତ ସେବା ଆଦି ମୌଳିକ ସୁବିଧା ଯୋଗାଇ ଦିଆଯିବ ବୋଲି ବିଧାୟକ କହିଛନ୍ତି।

# ବିକାଶମୂଳକ, ଭିତ୍ତିଭୂମି କାର୍ଯ୍ୟର ସମୀକ୍ଷା

ମାଲକାନଗିରି,୨୯।୪(ଗୌରିଶଙ୍କର ପଣ୍ଡା)

## ଗ୍ରାମ୍ୟ ଉନ୍ନୟନ ସଚିବଙ୍କ ମାଲକାନଗିରି ଗସ୍ତ



ବୈଠକରେ ଉପସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗ ଶାସନ ସଚିବ ଓ ସିଟି ଜିଏସଟି କମିଶନର ଯାମିନୀ ଷଡ଼ଙ୍ଗୀ ଓ ଅଧିକାରୀମାନେ।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ତଥା ଗ୍ରାମ୍ୟ ଉନ୍ନୟନ ବିଭାଗ ଶାସନ ସଚିବ ଓ ସିଟି ଜିଏସଟି କମିଶନର ଯାମିନୀ ଷଡ଼ଙ୍ଗୀ ମାଲକାନଗିରି ଜିଲା ବୁଧବାର ଗସ୍ତ କରିଛନ୍ତି। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ସମୟରେ ଜିଲାର ଦୁର୍ଗମ ଅଞ୍ଚଳରେ ଚାଲିଥିବା ରାସ୍ତା ଓ ଗୃହ ନିର୍ମାଣ ପ୍ରକଳ୍ପର ଗୁଣବତ୍ତା ଅନୁଧ୍ୟାନ କରି ପ୍ରଶାସନିକ ସ୍ତରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରିଛନ୍ତି। ସଚିବ ଷଡ଼ଙ୍ଗୀ ପି.ଡବ୍ଲ୍ୟୁଡି ରାସ୍ତାରୁ ପାରୁଗୁଡ଼ା ଓ ଜେଏମ ରାସ୍ତାରୁ କାଠିଗୁଡ଼ା ଯାଏ ନିର୍ମାଣାଧୀନ ଗ୍ରାମ୍ୟ ରାସ୍ତା ପରିଦର୍ଶନ କରିଥିଲେ। ଏଥିସହ ମାଥିଲିସ୍ଥିତ ଜେଏମଏଫସି କୋର୍ଟ କମ୍ପ୍ଲେକ୍ସ, ଖଇରପୁଟ ଓ ମାଥିଲି ବ୍ଲକର ବିଭିନ୍ନ ଭିତ୍ତିଭୂମି ବିକାଶ କାର୍ଯ୍ୟର ତଦାରଖ କରିଥିଲେ। କାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ସେ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ ହୋଇଥିଲା। ଏଥିରେ ଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ, ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥି ସରାବୁ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ବୈଠକରେ ଗ୍ରାମାଞ୍ଚଳର ଭିତ୍ତିଭୂମି ବିକାଶ ଆମର ପ୍ରାଥମିକତା। ଏଥିସହ ସରକାରୀ ସ୍ତରରେ ଅଟକି ଥିବା ପ୍ରକଳ୍ପଗୁଡ଼ିକ ବିଷୟରେ ଜଣାଇଲେ ସେଗୁଡ଼ିକର ତୁରନ୍ତ ସମାଧାନ କରାଯିବ ବୋଲି ସଚିବ ପ୍ରତିଶ୍ରୁତି ଦେଇଥିଲେ। ଆର୍ଥିକ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇ ସମସ୍ତ ସରକାରୀ ବିଭାଗ ଓ କାର୍ଯ୍ୟକାରୀ ସଂସ୍ଥାଗୁଡ଼ିକୁ ଜିଏସ୍‌ଟି ଅଫିସରେ ଠିକ୍ ସମୟରେ ଟିଡିଏସ୍ ଜମା କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ପ୍ରକଳ୍ପ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ ହେବା ସହ କାର୍ଯ୍ୟର ଗୁଣବତ୍ତା ବଜାୟ ରଖିବା ଅତ୍ୟନ୍ତ ଆବଶ୍ୟକ ବୋଲି କହିଛନ୍ତି। ଏହି ସମୟରେ ସୁନାବେଡ଼ା ଗ୍ରାମ୍ୟ ଉନ୍ନୟନ ସର୍କଲର ସିସିଇ, ମାଲକାନଗିରି ଗ୍ରାମ୍ୟ ଉନ୍ନୟନ ଡିଭିଜନ-୧ ଓ ୨ର ଏସଇ, ଇଇ, ଏଇଇ ଓ ଜେଇମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମନ୍ଦିରରୁ ଲକ୍ଷାଧିକ ଟଙ୍କା, ଅଳଙ୍କାର ଚୋରି ଅଭିଯୋଗ

କୋଟପାଡ଼,୨୯।୪(କେ.ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ଘୁମର ପଞ୍ଚାୟତ ପୂର୍ତ୍ତ ବିଭାଗ ଜାତୀୟ ରାଜପଥ ପାର୍ଶ୍ୱ ହରଦୁଲି ଗ୍ରାମର ନୂତନ ଠାକୁରାଣୀ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ମଙ୍ଗଳବାର ଚୋରି ହୋଇଥିବା ଜଣାପଡ଼ିଛି। ବୁଧବାର ସକାଳୁ ମନ୍ଦିର ପୂଜକ ଓ ଗ୍ରାମର କେତେଜଣ ବ୍ୟକ୍ତି ପୂଜା କରିବାକୁ ମନ୍ଦିରକୁ ଯାଇଥିଲେ । ମନ୍ଦିରର ମୁଖ୍ୟ ଫାଟକ ସହ ପଶ୍ଚିମ ଦ୍ୱାର ତାଲା ଭଙ୍ଗା ହୋଇଥିବା ଦେଖିଥିଲେ। ଗ୍ରାମବାସୀ କୋଟପାଡ଼ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମନ୍ଦିର ଭିତରୁ ବିଗ୍ରହଙ୍କ ସମସ୍ତ ମୂଲ୍ୟବାନ୍ ଗହଣା ସହ ହୁଣ୍ଡିରୁ ଟଙ୍କା ଓ ସିସି କ୍ୟାମେରା ହାର୍ଡ ଡିସ୍କ ଆଦି ଚୋରି ହେଇଥିବା ସୂଚନା ରହିଛି। ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଚୋରି ହୋଇଥିବା ଗ୍ରାମବାସୀ କହିଛନ୍ତି। ମନ୍ଦିର କୋଟପାଡ଼ଠାରୁ ମାତ୍ର ୨ କି.ମି. ଦୂର ରାସ୍ତା ପାର୍ଶ୍ୱରେ ରହିଛି।

### ଅଟୋ ଓଲଟି ବୃଦ୍ଧାଙ୍କ ମୃତ୍ୟୁ

ଜୟପୁର,୨୯।୪(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସଦର ଥାନା ଅଧୀନ ରାଣିଗଡ଼ ରାସ୍ତାରେ ଅଟୋ ଓଲଟି ବୃଦ୍ଧାଙ୍କ ବୁଧବାର ମୃତ୍ୟୁ ହୋଇଛି। ମୃତା ହେଲେ ଫାମ୍ପୁଣି ପଞ୍ଚାୟତ ଗଉଡ଼ଗୁଡ଼ାର ଜେମା ନାୟକ(୫୫)। ସୂଚନା ଅନୁଯାୟୀ, ବୁଧବାର ଜେମା ଏକ ଅଟୋ ଯୋଗେ ଗଉଡ଼ଗୁଡାଠାରୁ ଜୟପୁରକୁ ଦହି ଓ ଫୁଲ ବିକ୍ରି ପାଇ ଆସୁଥଲେ। ଏହି ସମୟରେ ରାଣିପୁଟ ନିକଟରେ ଅଟୋ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଜେମାଙ୍କୁ ଗୁରୁତର ଅବସ୍ଥାରେ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଜୟପୁର ସଦର ଥାନାରେ ତାଙ୍କ ପୁଅ ଅଭି ନାୟକ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

### ଦେଶୀ ମଦ ଚାଲାଣ, ଜଣେ ଗିରଫ

ଜୟପୁର,୨୯।୪(ପବନ ପାଣିଗ୍ରାହୀ)

ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ଚଢ଼ାଉ କରାଯାଇ ଜଣେ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ଝିଲିମିଲିଗୁଡ଼ା ଗ୍ରାମର ରାମଚନ୍ଦ୍ର ଗାଦବା (୩୯)। ସୂଚନାନୁଯାୟୀ, ଜୟପୁର ଅବକାରୀ ଥାନା ପକ୍ଷରୁ ଝିଲିମିଲିଗୁଡ଼ା ଗ୍ରାମ ରାସ୍ତାରେ ଚଢ଼ାଉକରି ୧୨ ଲିଟର ଦେଶୀ ମଦ ଜବତ କରାଯାଇଛି। ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଥାନା ଓଆଇସି ସୁବ୍ରତ କିଶୋରି ହିରନ ସୂଚନା ଦେଇଛନ୍ତି।

### ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ନନ୍ଦପୁର,୨୯।୪(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ସଦର ମହକୁମାସ୍ଥିତ ସିଦ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ସମ୍ମାନ ବିଭାଗ ଶେଷବର୍ଷ ଛାତ୍ରୀଛାତ୍ରଙ୍କୁ ବୁଧବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କଲେଜ ଅଧ୍ୟକ୍ଷ ଅମର କୁମାର ମହାପାତ୍ର ଛାତ୍ରୀଛାତ୍ରଙ୍କୁ ଉଚ୍ଚ ଶିକ୍ଷା ଓ ପ୍ରତିଯୋଗିତାମୂଳକ ପରୀକ୍ଷା କ୍ଷେତ୍ରରେ ନିୟୋଜିତ ହେବାକୁ ପରାମର୍ଶ ଦେଇଛନ୍ତି। ଶିକ୍ଷା ବିଭାଗ ମୁଖ୍ୟ ଏମ୍. ଜୟା, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ କିଶୋର ଚନ୍ଦ୍ର ବେହେରା, ଅଧ୍ୟାପିକା ସୁରଭି ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀ ସ୍ୱନ୍ଦନା ଖିଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ସନ୍ତୋଷ ହନ୍ତାଳ, ଅର୍ଚ୍ଚନା ପାଢ଼ୀ ସହଯୋଗ କରିଥିଲେ। ଛାତ୍ରୀ ଜ୍ୟୋତିର୍ମୟୀ ମୁଦୁଲି ଧନ୍ୟବାଦ ଦେଇଥିଲେ।

# କ୍ଷତିପୂରଣ ଦାବିରେ ଗ୍ରାମବାସୀଙ୍କ ରାସ୍ତା ଅବରୋଧ

## ଗାଡ଼ି ଧକ୍କାରେ ଗୁରୁତର ବ୍ୟକ୍ତିଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟଣା

ସୁନାବେଡ଼ା,୨୯।୪(କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ୨୬ ନଂ ଜାତୀୟ ରାଜପଥ ସୁନାବେଡ଼ା ଥାନା ସମ୍ମୁଖରେ ଗାଡ଼ି ଧକ୍କାରେ ଗୁରୁତର ବ୍ୟକ୍ତିଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟଣାରେ ଗ୍ରାମବାସୀ କ୍ଷତିପୂରଣ ଦାବିକରି ରାସ୍ତା ଅବରୋଧ କରିଛନ୍ତି। ଏଥିଯୋଗୁ ୫ ଘଣ୍ଟା ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ିମୋଟର ଅଟକି ରହିଥିଲା।

ସୂଚନାନୁଯାୟୀ, କାକିଗାଁର ଯୁଧିଷ୍ଠିର କଣ୍ଡା(୪୦) ଗାଡ଼ି ଧକ୍କାରେ ଗୁରୁତର ହୋଇଥିଲେ। ତାଙ୍କୁ ସୁନାବେଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପ୍ରଥମେ ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ପରେ ବିଶାଖାପାଟନମ ଓ ସେଠାରୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମଙ୍ଗଳବାର ମୃତ୍ୟୁ ହୋଇଥିଲା।


ଉତ୍ତ୍ୟକ୍ତ ଲୋକମାନେ ରାସ୍ତା ଅବରୋଧ କରିଛନ୍ତି।

ପରିବାର ଲୋକ ଓ ଗାଁ ଲୋକେ କ୍ଷତିପୂରଣ ସହ ଡ୍ରାଇଭରଙ୍କ ଗିରଫ ଦାବିରେ ସୁନାବେଡ଼ା ଥାନା ସମ୍ମୁଖ ୨୬ନଂ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଏ ନେଇ ସୁନାବେଡ଼ା ଥାନାରେ ନଂ. ୮୨/୨୬ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ସିସିଟିଭି ଫୁଟେଜ ଯାଞ୍ଚ ପରେ ଗାଡ଼ି ଓ ଚାଳକଙ୍କ ସନ୍ଧାନ ପାଇଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ସେମିଳିଗୁଡ଼ା ତହସିଲଦାର ଦେବବ୍ରତ କରାତି, ସୁନାବେଡା ଏସ୍‌ଡିପିଓ ସୁମିତ୍ରା ଜେନା, ସୁନାବେଡା ଥାନାଧିକାରୀ ସୁଷମା କୁହଁର, ସେମିଳିଗୁଡ଼ା ଥାନାଧିକାରୀ ଅନିତା କୁଜୁର ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ଲୋକେ ରାସ୍ତାରୁ ହଟିଥିଲେ। ମୃତକଙ୍କ ପରିବାରକୁ ଜିଲା ରେଡକ୍ରସ ପାଣ୍ଠିରୁ ୧୫ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଗାଡି ମାଲିକଙ୍କଠାରୁ କ୍ଷତିପୂରଣ ସହାୟତା ଯୋଗାଇଦିଆଯିବା ନେଇ ପ୍ରତିଶ୍ରୁତି ଦିଆଯାଇଥିବା ସୂଚନା ମିଳିଛି। ଅପରାହ୍ନ ୫ଟାରେ ରାସ୍ତା ଅବରୋଧରୁ ହଟିବା ପରେ ପୁଣି କାକି ଗାଁ ଲୋକ କାରଣରୁ ୨୬ ନଂ ଜାତୀୟ ରାଜପଥ ଅବରୋଧ କରିଥିବା ଦେଖିବାକୁ ମିଳିଛି। ଖବର ଲେଖାଯିବା ସୁଦ୍ଧା ରାସ୍ତା ଅବରୋଧ ହଟି ନ ଥିବା ଜଣାପଡ଼ିଛି।

# ଗାଡ଼ି ଧକ୍କାରେ ଗୁରୁତର ବ୍ୟକ୍ତିଙ୍କ ମୃତ୍ୟୁ: ରାସ୍ତାରୋକୋ

ଜୟପୁର,୨୯।୪(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସଦର ଥାନା ଅଧୀନ ଉମୁରିରେ ଅଜଣା ଗାଡ଼ି ଧକ୍କାରେ ଗୁରୁତର ଜଣେ ବ୍ୟକ୍ତିଙ୍କୁ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ମୃତ୍ୟୁ ହୋଇଛି। ମୃତକ ହେଲେ ନରସିଂହ ବେହେରା(୫୫)।

ସୂଚନାନୁଯାୟୀ, ମଙ୍ଗଳବାର ନରସିଂହ ଓ ହଳଧର ନାୟକ ପ୍ରାତଃଭ୍ରମଣ କରୁଥିବା ବେଳେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ଏଥିରେ ହଳଧରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ନରସିଂହଙ୍କୁ ଗୁରୁତର ଅବସ୍ଥାରେ ଜୟପୁରସ୍ଥିତ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଉମୁରିରେ ଦୈନିକ ଦୁର୍ଘଟଣା ଘଟୁଥିବାରୁ ବେରିକେଟ ନିର୍ମାଣ ସହ ସିସି କ୍ୟାମେରା ଲଗାଇବା, ଦୁର୍ଘଟଣା ଘଟାଇଥିବା ଗାଡିକୁ ଠାବ କରିବା ଦାବିରେ ଗ୍ରାମବାସୀ ମୃତଦେହ ରଖି ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଘଟଣାସ୍ଥଳରେ ଏସ୍‌ଡିପିଓ ଅର୍ଚ୍ଚିତା ମିଉଲ ପହଞ୍ଚି ବୁଝାଶୁଝା କରିବାରୁ ଲୋକେ ରାସ୍ତାରୁ ହଟିଥିଲେ। ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

# ଦଇବ ଭରସାରେ ୨ ପରିବାରର ୬ ଅନାଥ

ନନ୍ଦପୁର/ପାଡୁଆ, ୨୯।୪
(ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

ଅନାଥ ଓ ସିଙ୍ଗଲ ମଦର୍ ପୁଅ ଝିଅଙ୍କୁ ଚିହ୍ନଟ କରି ସେମାନଙ୍କୁ ବାତ୍ସଲ୍ୟ, ଯଶୋଦା ଓ ସୁକନ୍ୟା ସମୃଦ୍ଧି ଭଳି ଯୋଜନାରେ ସାମିଲ କରି ସହାୟତା ଦେବାକୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ରହିଛି। ଏହାସତ୍ତ୍ୱେ କିନ୍ତୁ କୋରାପୁଟ ଜିଲା ନନ୍ଦପୁର ବ୍ଲକ ପରଜା ବଡ଼ପଡ଼ା ପଞ୍ଚାୟତର ଟାଟିପୁଟ ଗ୍ରାମର ୨ ପରିବାରର ୬ଜଣ ଅନାଥ ପିଲା ବୃଦ୍ଧ ଜେଜେ ବାପାଙ୍କ ଜିମାରେ ଅସହାୟ ଜୀବନ କାଟୁଥିବା ଦେଖିବାକୁ ମିଳିଛି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ପାଠରେ ଡୋରି ବନ୍ଧା ସରିଛି। ୨ ଜଣ ପରିବାର ପ୍ରତିପୋଷଣ ଲାଗି ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଇଛନ୍ତି। ବେଳେ ୨ ଜଣ ଘର କାମ କରୁଛନ୍ତି। ସମସ୍ତଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ କରି ସହାୟତା ପ୍ରଦାନ କରାଯାଉ ବୋଲି ପଞ୍ଚାୟତ ସରପଞ୍ଚ ସୁବର୍ଣ୍ଣ ପୂଜାରୀ ଓ ସାମାଜିକ କର୍ମୀ ଲକିନାଥ ପୂଜାରୀଙ୍କ ସମେତ ଗ୍ରାମବାସୀ ଅନୁରୋଧ କରିଛନ୍ତି।

ସୂଚନାନୁଯାୟୀ, ଟାଟିପୁଟ ଗ୍ରାମର ବରୁଣ ବଡନାୟକଙ୍କ ୫ ବର୍ଷ ତଳେ ପାଡୁଆ ନିକଟରେ ଗାଡ଼ି ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ତାଙ୍କର ୪ ଝିଅ ଥିବାବେଳେ ସ୍ତ୍ରୀ ଅନ୍ୟତ୍ର ବିବାହ କରି ଚାଲି ଯାଇଥିଲେ। ବରୁଣ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରି ନିଜ ୪ ଝିଅଙ୍କ ପ୍ରତିପୋଷଣ କରୁଥିଲେ। କିନ୍ତୁ ଦାଦନ ଯାଇ ଫେରୁଥିବା ବରୁଣଙ୍କ ମୃତ୍ୟୁ ପରେ ୪ ଝିଅ ସୁନାମଣି(୨୨)



## ସରକାରୀ ସହାୟତା ପାଇଁ ଅନୁରୋଧ

ଦେବକୀ(୧୬) ରୀତା(୧୩) ଭାରତୀ(୯) ଅନାଥ ହୋଇଥିଲେ। ସମସ୍ତେ ବର୍ତ୍ତମାନ ୭୬ ବର୍ଷୀୟ ଜେଜେବାପା ମୂଳିଆ ବଡ଼ ନାୟକଙ୍କ ଜିମାରେ ରହିଛନ୍ତି। ପରିବାର ପ୍ରତିପୋଷଣ ପାଇଁ ସୁନାମଣି ଆନ୍ଧ୍ରରେ ଦାଦନ ଖଟୁଛନ୍ତି। ଜେଜେବାପା ମୂଳିଆ ୩ ନାତୁଣୀଙ୍କୁ ଧରି ଅଛନ୍ତି।

ସେହିପରି ଗ୍ରାମର ପୂର୍ଣ୍ଣ ବଡ଼ନାୟକ ପାଡୁଆ ପଞ୍ଚାୟତର ସଦରାମ୍ବ ଗ୍ରାମରେ ବିବାହ କରି ଘର ଜୁଆଇଁ ଭାବେ ରହୁଥିଲେ। ୬ ବର୍ଷ ତଳେ ଦମ୍ପତିଙ୍କ ମୃତ୍ୟୁ ହୋଇଥିଲା। ଅଜା ଘର କେହି ନଥିବାରୁ ଝିଅ ଚମ୍ପା (୧୯) ପୁଅ ସୁନୀଲ(୧୬) ଅନାଥ ହୋଇଥିଲେ। ବୃଦ୍ଧ ଜେଜେବାପାଙ୍କ ଆଶ୍ରାରେ ଟାଟିପୁଟ ଗାଁ କୁ ଚାଲି ଆସିଥିଲେ। ୨ ବର୍ଷ ତଳେ ଜେଜେବାପାଙ୍କ ମଧ ମୃତ୍ୟୁ ହୋଇଥିଲା। ବର୍ତ୍ତମାନ ଦୁହେଁ ସାନ ଜେଜେବାପାଙ୍କ ପାଖରେ ଅଛନ୍ତି। ଝିଅର ସପ୍ତମ ଓ ପୁଅର ୫ମ ଶ୍ରେଣୀରୁ ପାଠ ବନ୍ଦ କରି ରହିଛନ୍ତି। ବର୍ତ୍ତମାନ ପୁଅ ସୁନୀଲ ପରିବାର ପ୍ରତିପୋଷଣ ଲାଗି ଆନ୍ଧ୍ରକୁ ଦାଦାନ ଖଟିବାକୁ ଯାଇଛନ୍ତି। ଏକ ଇଟା ଯୋଡେଇ ପଲସ୍ତରା ନଥିବା ଘରେ ବୁଢ଼ା ଜେଜେଙ୍କ ସହ ରହି ତାଙ୍କର ଦେଖା ରଖା କରୁଥିବା ଚମ୍ପା ସୂଚନା ଦେଇଛନ୍ତି। ଦୁଇ ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଓ ସରପଞ୍ଚଙ୍କ ଅନୁରୋଧ ସମ୍ପର୍କରେ ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରା, ସିଡିପିଓ ମିନତିବାଳା ପଟ୍ଟନାୟକ ଓ ଜିଲା ଶିଶୁ ସୁରକ୍ଷା କମିଟି ଅଧ୍ୟକ୍ଷା ଡ ଗାୟତ୍ରୀ ଦେବୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଦୁଇ ପରିବାରର ସ୍ଥିତି ପରଖି ଆବଶ୍ୟକ ସହାୟତା ପ୍ରଦାନ କରିବେ ବୋଲି ସେମାନେ ପ୍ରତିଶ୍ରୁତି ଦେଇଛନ୍ତି।

### ୬ ଚାଷୀଙ୍କୁ କେନାଲରୁ ଜଳ ଯୋଗାଇବା ଦାବି

ଜୟପୁର,୨୯।୪(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ବ୍ଲକ କଙ୍ଗା ଗ୍ରାମର ୬ ଚାଷୀଙ୍କୁ କେନାଲରୁ ଜଳ ଯୋଗାଇଦେବାକୁ ଦାବି କରାଯାଇଛି। କୋଲାବ ଜଳସେଚନ ବିଭାଗ ବାରିଣୀପୁଟର ମୁଖ୍ୟ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଓଡ଼ିଶା ରାଜ୍ୟ ଏଗ୍ରୋ ଇଣ୍ଡଷ୍ଟ୍ରିଜ କରପରେସନ ଜରିଆରେ ଏକ ସୌରଚାଳିତ ଲିଫ୍ଟ ଇରିଗେଶନ ପଏଣ୍ଟ କରିବାକୁ ଅନୁମତି ମିଳିଛି। ମୁଖ୍ୟ କେନାଲ କଙ୍ଗାଠାରୁ ପାଣି ଉଠାଇବାକୁ ଅନୁମତି ଦେଲେ ୬ ଚାଷୀ ଉପକୃତ ହେବେ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

### ଫାଷ୍ଟଫୁଡ ଦୋକାନରେ ଚଢ଼ାଉ

ଜୟପୁର,୨୯।୪(ପବନ ପାଣିଗ୍ରାହୀ)

ଜୟପୁର ପୌରପାଳିକା ଓ ଖାଦ୍ୟ ନିରୀକ୍ଷକ ପକ୍ଷରୁ ପ୍ରସାଦରାଓ ପେଟା ଅଞ୍ଚଳର ଫାଷ୍ଟଫୁଡ ଦୋକାନରେ ଚଢ଼ାଉ କରାଯାଇଛି। ଅଧିକାରୀମାନେ ଖାଦ୍ୟର ଗୁଣବତ୍ତା ଯାଞ୍ଚ ସହ ସଫେଇ ଉପରେ ଧ୍ୟାନ ଦେଇଥିଲେ। ଦୋକାନର ଅଦରକାରୀ ସାମଗ୍ରୀଗୁଡ଼ିକୁ ନାଳରେ ପକାଇବା ଦ୍ୱାରା ଡ୍ରେନ ପାଣି ଜାମ ହୋଇ ଦୁର୍ଗନ୍ଧ ବାହାରୁଛି। ଏ ନେଇ ଦୋକାନ ମାଲିକମାନଙ୍କୁ ତାଗିଦା କରାଯାଇ ସେମାନଙ୍କଠାରୁ ମୋଟ ୪୨୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି।

### ଟ୍ରକ୍ ଧକ୍କାରେ ଆଶାକର୍ମୀ ମୃତ

ଦାମନଯୋଡି,୨୯।୪(ନରସିଂହ ବ୍ରହ୍ମା)

କୋରାପୁଟ ଜିଲା ଦାମନଯୋଡି ଥାନା ଅଧୀନ ମାଥାଲପୁଟ ଶହୀଦ ଲକ୍ଷ୍ମଣ ନାୟକ ଛକ ନିକଟରେ ଜଣେ ଆଶାକର୍ମୀଙ୍କୁ ଟ୍ରକ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ହୋଇଛି। ମୃତା ହେଲେ କଳାହାଣ୍ଡି କଲୋନୀର କରିଷ୍ମା ବାଘ। ସେ ସକାଳୁ ଡିୟୁଟି ସାରି ଘରକୁ ଫେରୁଥିବା ବେଳେ ଶହୀଦ ଲକ୍ଷ୍ମଣ ନାୟକ ଛକ ନିକଟରେ ଟ୍ରକ୍(ଓଡି୦୭-ଟି-୭୦୭୫) ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ଦାମନଯୋଡି ପୋଲିସ ପହଞ୍ଚିଥିଲା। ମୃତକଙ୍କ ପରିବାର ଓ କଲୋନୀ ଲୋକେ ରାସ୍ତାରେ ମୃତଦେହ ରଖି ଅବରୋଧ କରି କ୍ଷତିପୂରଣ ଦାବି କରିଛନ୍ତି। ପୋଲିସ ଉପସ୍ଥିତିରେ ଟ୍ରକ ମାଲିକ ଓ ମୃତକ ପରିବାର ଲୋକଙ୍କ ମଧ୍ୟରେ ବୁଝାଶୁଝା ହେବା ପରେ ମୃତଦେହ ରାସ୍ତାରୁ ଉଠାଯାଇଥିଲା। ଦାମନଯୋଡି ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ଟ୍ରକ୍ ଜବତ କରିଛି। ଟ୍ରକ ମାଲିକ, ପରିବାର ଲୋକ ଓ ପୋଲିସର ମିଳିତ ବୁଝାମଣା ପରେ ରାସ୍ତାରୋକୋ ହଟିଥିଲା।

# ଆଦର୍ଶ ଲ୍ୟାମ୍ପର ଲାଭାଂଶ ବଣ୍ଟନ ବୈଠକ


ବୈଠକରେ ଆଦିବାସୀ ବହୁମୁଖୀ ସମବାୟ ସମିତିର ସଦସ୍ୟମାନେ।

ନନ୍ଦପୁର,୨୯।୪(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ଆଦର୍ଶ ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି(ଲ୍ୟାମ୍ପସ)ପକ୍ଷରୁ ୨୦୨୪-୨୫ବର୍ଷର ଅଡିଟ ରିପୋର୍ଟରେ ଲାଭାଂଶ ବଣ୍ଟନ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲ୍ୟାମ୍ପ ସଭାପତି ଦାନ ସୀସା, ନିର୍ଦ୍ଦେଶକ ଗୋପାଳକୃଷ୍ଣ ବେବର୍ତ୍ତା, ଜଗନ୍ନାଥ ପାଙ୍ଗୀ, ବଳଭଦ୍ର ସୀସା, ଭାଜପା ନେତା ଏସ୍. କେ. ଗଫୁର, ଏମ୍‌ପି ପ୍ରତିନିଧି ଗୋପାଳ ମାଟାମ ଓ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ। ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ସୁରେଶ ପଣ୍ଡା ଅଡିଟ ରିପୋର୍ଟ ପ୍ରକାରେ ଲ୍ୟାମ୍ପର ମୋଟ ୨୧ ଲକ୍ଷ ୧୦ ହଜାର ୧୪୭ ଟଙ୍କା ଲାଭାଂଶ ଥିବା ସୂଚନା ଦେଇଥିଲେ। ଲ୍ୟାମ୍ପରେ ସରକାରୀ ଅଂଶଧନ ୩୮୬୭୮୧୫ଟଙ୍କା ଥିବା ବେଳେ ସଦସ୍ୟଙ୍କ ଅଂଶଧନ ୧୩୭୧୬୭୪୭ ଟଙ୍କା ରହିଛି। ଲାଭାଂଶରୁ ୪ଲକ୍ଷ ୬୪ ହଜାର ୧୩୭ ଟଙ୍କା ସରକାରଙ୍କୁ ପ୍ରଦାନ କରାଯିବ। ୧୬ ଲକ୍ଷ ୪୬ ହଜାର ୯ ଟଙ୍କା ଲାଭାଂଶ ଅର୍ଥ ସମସ୍ତ ୪୧୧୪ ସଦସ୍ୟଙ୍କୁ ପ୍ରଦାନ କରାଯିବ ବୋଲି ସୂଚନା ଦେଇଛନ୍ତି।

# ପାଣି ଅଭାବ, ୮୦୦ ଏକର ଜମି ଫାଟି ଆଁ

କୁନ୍ଦୁରା, ୨୯।୪(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକର ଚାଷ ବହୁଳ ଦିଗାପୁର ପଞ୍ଚାୟତରେ ଚଳିତ ରବି ଧାନ ଚାଷ କରିଥିବା ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଚାଷୀ ଜଳ ସେଚନ ସୁବିଧା ନପାଇ ହନ୍ତସନ୍ତ ହେଉଛନ୍ତି। କୋଲାବ ନଦୀରେ ଲାଗିଥିବା ଉଠାଜଳ ସେଚନ ପ୍ରକଳ୍ପ ଦ୍ୱାରା ଚାଷ ହୋଇଯିବ ଭାବି ୨୦ଟି ଉଠା ଜଳସେଚନ ପ୍ରକଳ୍ପର ପ୍ରାୟ ୨୦୦ ଚାଷୀ ୮୦୦ ଏକର ଧାନ ଫସଲ କରିଛନ୍ତି। କିନ୍ତୁ ଚଳିତ ବର୍ଷ କୋଲାବ ଜଳ ଭଣ୍ଡାରରୁ କୋଲାବ ନଦୀରେ ପାଣି ବିଲକୁଲ ଛଡା ଯାଇନାହିଁ। ଜୟପୁର ବ୍ଲକର ବାଲିଆ ପଞ୍ଚାୟତରେ ଚାଷ ଉପଯୋଗୀ କେନାଲ ରହିଛି। ଉକ୍ତ କେନାଲରେ ପାଣି ଛାଡିଲେ ବି ପାଣି କୋଲାବ ନଦୀରେ ଜମା ହେବାରୁ ଦିଗାପୁର ଅଞ୍ଚଳର ଚାଷୀ ଆରାମରେ ଜଳ ସେଚନ କରି ଧାନ ଚାଷ କରିପାରୁଥିଲେ। କିନ୍ତୁ ଚଳିତ ବର୍ଷ ପାଣି ଛଡ଼ାଗଲାନାହିଁ। ବର୍ତ୍ତମାନ ୨୦୦ ଚାଷୀଙ୍କ ୮୦୦ ଏକରରୁ ଊର୍ଦ୍ଧ୍ୱ ଫସଲ ଅଭାବ ରେ ନଷ୍ଟ ହେବାକୁ ଗଲାଣି। ବନ୍ଧ ଗାଡ଼ିଆରେ ପମ୍ପ ଲଗାଇ ଯିଏ ଯାହାର ଜମିରେ କିଛି କିଛି ପାଣି ଦେଇଥିବା ଯୋଗୁ କିଛି ଦିନ ଚଳିଗଲା। କିନ୍ତୁ ବର୍ତ୍ତମାନ ଜମିର ଯେଉଁ ଅବସ୍ଥା ଯଥାଶୀଘ୍ର ଜଳସେଚନ ବ୍ୟବସ୍ଥା ନକଲେ ୮୦୦ ଏକର ଧାନ ଫସଲ ନଷ୍ଟ ହୋଇଯିବ ବୋଲି ସୋମବାର ଅଭିଯୋଗ ଶୁଣାଣି ଶିବିରରେ ଚାଷୀ ଜଣାଇଛନ୍ତି। ମଙ୍ଗଳବାର ମଧ୍ୟ ଚାଷୀମାନେ କୋରାପୁଟରେ ପହଞ୍ଚି ଅତିରିକ୍ତ ଜିଲାପାଳଙ୍କୁ ଭେଟି ସମସ୍ୟା ଜଣାଇଛନ୍ତି। ଅତିରିକ୍ତ ଜିଲାପାଳ ଉଠା ଜଳସେଚନ ପ୍ରକଳ୍ପ ଅଧିକାରୀଙ୍କ ସହ ଯୋଗାଯୋଗ କରିବା ସହ ତୁରନ୍ତ କୋଲାବ ନଦୀରେ ପାଣି ଛଡ଼ାଯିବା ବ୍ୟବସ୍ଥା କରାଇବାକୁ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ୧୫ ଦିନ ହେବ ବିଭିନ୍ନ ଅଫିସ ଦୌଡ଼ିବା ସତ୍ତ୍ୱେ ଦୁଃଖ କେହି ବୁଝୁନାହାନ୍ତି ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଧାନ ଫସଲ ପାଣି ଅଭାବରେ ନଷ୍ଟ ହେଲେ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଜିଲାପାଳ ଚାଷୀଙ୍କ ଦୁଃଖ ବୁଝିବେ ବୋଲି ଆଶ ଅଛି ବୋଲି ଚାଷୀ ସତ୍ୟ ନାରାୟଣ ଚୌଧୁରୀ, ଅଜିତ ପାଣିଗ୍ରାହୀ, ଦିଲ୍ଲୀପ ସାହୁ, ନରସିଂହ ସାହୁ, ହରିଶ୍ଚନ୍ଦ୍ର ପାଢ଼ୀ ପ୍ରମୁଖ କହିଛନ୍ତି।

# ବିସ୍ଥାପିତ ଚିହ୍ନଟ, ସମସ୍ୟା ସମାଧାନ କରିବାକୁ ନିର୍ଦ୍ଦେଶ

ନନ୍ଦପୁର,୨୯।୪(ତୁଷାର କାନ୍ତ ମହାନ୍ତି)

ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଣ୍ଡର ସେକ୍ରେଟାରି ସୁଚିତ୍ରା ଦାସ କୋରାପୁଟ ଜିଲାପାଳଙ୍କୁ ଚିଠି ଲେଖି ଜିଲାର ମାଛକୁଣ୍ଡ ହାଇଡ୍ରୋ ପ୍ରକଳ୍ପ ଓ ଜୋଲାପୁଟ ଜଳଭଣ୍ଡାର ନିର୍ମାଣ ପାଇଁ ଜମି ଦେଇ ବିସ୍ଥାପିତ ହୋଇଥିବା ଲୋକଙ୍କ ସମସ୍ୟା ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଇନଜୀବୀ ଅନୁପ ପାତ୍ରଙ୍କ ଅଭିଯୋଗ ପତ୍ରର ଉତ୍ତରରେ ସଚିବଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ଆରଡିଏମ୍-ଆରଆରସି-ପିଜିଓଟି-୦୦୧୬-୨୦୨୬/୩୭୬୩/ ଆରଆଣ୍ଡଡିଏମ୍ ପ୍ରକାରେ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ନକଲ ପତ୍ର ପାଇଥିବା ସୂଚନା ସେ ଦେଇଛନ୍ତି।

ସୂଚନା ମୁତାବକ ତା୨୦।୩।୨୦୨୬ରେ ବ୍ଲକ ପ୍ରଶାସନ ଓ ବିସ୍ଥାପିତ ପରିଷଦ ମଧ୍ୟରେ ଏକ ଆଲୋଚନା ବୈଠକ ହୋଇଥିଲା। ଏଥିରେ ବିସ୍ଥାପିତ ପରିଷଦ

## ଆର୍ ଆଣ୍ଡ ଡିଏମ୍ ସଚିବଙ୍କ ଜିଲାପାଳଙ୍କୁ ଚିଠି


OFFICE OF THE PANCHAYAT SAMITI, LAXMIPUR
Letter No. / 2026 Date: / 04 / 2026
To
The Collector & District Magistrate
Koraput
Sub: Submission of Action Taken Report on the grievance registered by Sri Tushar Kanta Mohanty vide Ticket No. C372620 on the Janasunani Portal
Sir,
In inviting a kind reference to the subject cited above, I am to submit herewith the factual report/action taken report on the grievance registered by Sri Tushar Kanta Mohanty vide Ticket No. C372620 on the Janasunani Portal as below.
The matter regarding the installation of Government-sanctioned public solar dual pumps on private land at Kakrigumma, Toyaput, Bhitargada, Panchada, and Kusumgada has been duly examined at the appropriate level. Upon verification, necessary actions have been taken in accordance with the prescribed guidelines and procedures of the relevant Government schemes.
This is for favour of your kind information and necessary action.
Yours faithfully
Block Development Officer
Laxmipur

ଜିଲାପାଳଙ୍କୁ ହୋଇଥିବା ଚିଠି।

ପକ୍ଷରୁ ଜୋଲାପୁଟ ଜଳଭଣ୍ଡାର ନିର୍ମାଣ ପାଇଁ ନନ୍ଦପୁର ବ୍ଲକ୍‌ର ୧୦ ପଞ୍ଚାୟତର ୧୫୬ ଗ୍ରାମବାସୀ ୧୮୨୦୬ ହେକ୍ଟର ଜମିଦେଇ ୭୦ ବର୍ଷ ହେଲା ବିସ୍ଥାପିତ ହୋଇଥିବା ଅଭିଯୋଗ କରିଥିଲେ। ୨ ପ୍ରକଳ୍ପ ନିର୍ମାଣ ପରଠୁ ଏଯାଏ ପ୍ରକଳ୍ପ ପରିଚାଳନା କରୁଥିବା ଓଡ଼ିଶାର ଓଏଚ୍‌ପିସି ଓ ଆନ୍ଧ୍ରର ଏପିଜେନକୋ ପ୍ରଶାସନ ୧୦ ପଞ୍ଚାୟତବାସୀଙ୍କୁ ବିସ୍ଥାପିତ ପରିଚୟ ଦେଇ କୌଣସି ପାରିପାର୍ଶ୍ୱିକ ଉନ୍ନୟନ କରିନାହାନ୍ତି। ପ୍ରକଳ୍ପ ପକ୍ଷରୁ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି କିମ୍ବା ଅଞ୍ଚଳରେ ରୋଜଗାର ସୃଷ୍ଟି ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିବା ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହୋଇ ନ ଥିବା ଅଭିଯୋଗ କରିଥିଲେ। ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଆଇନଜୀବୀ ପାତ୍ର ପତ୍ର ମାଧ୍ୟମରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଜାତୀୟ ମାନବ ଅଧିକାର କମିଶନ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ସଚିବ, ଓଏଚ୍‌ପିସି, ଏପିଜେନକୋ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ଜବରଦଖଲ ଉଚ୍ଛେଦ ନେଇ ଉପଜିଲାପାଳଙ୍କୁ ଦାବିପତ୍ର

ଜୟପୁର,୨୯।୪(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ବୈପାରିଗୁଡା ପଞ୍ଚାୟତ ଗୌଡ଼ସାହି ଶାନ୍ତିନଗରରେ ଜବରଦଖଲ ଉଚ୍ଛେଦ ପାଇଁ ଦାବି କରି ଗ୍ରାମବାସୀ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ୧ ନମ୍ବର ୱାର୍ଡର ସ୍ଥାୟୀ ବାସିନ୍ଦା ୨୫ରୁ ୩୦ ଘର ପ୍ରାୟ ୨୦ ବର୍ଷ ହେବ ରହୁଥିବା, ଗୁପ୍ତେଶ୍ୱର ରାସ୍ତାଠାରୁ ଧୋବାସାହି ଶାନ୍ତିନଗର ରାସ୍ତା ଜବରଦଖଲକାରୀଙ୍କ କବଜାରେ ଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ବାରମ୍ବାର ତହସିଲଦାରଙ୍କ ପାଖରେ ଅଭିଯୋଗ କଲେ ସୁଦ୍ଧା କୌଣସି ସୁଫଳ ମିଳୁ ନ ଥିବାରୁ ଉପଜିଲାପାଳ ଜବରଦଖଲ ଉଚ୍ଛେଦ କଲେ ସାହିବାସିନ୍ଦା ଉପକୃତ ହେବେ ବୋଲି ଗଣେଶ୍ୱର ସାହୁ, ସୁଶାନ୍ତ କୁମାର ସାହୁ, ପଦ୍ମନାଭ ଛତ୍ରିଆ, ସୂର୍ଯ୍ୟ ସାହୁ ଅନୁରୋଧ କରିଛନ୍ତି।

# ଭାଜପାର ଜନଆକ୍ରୋଶ ପଦଯାତ୍ରା ନେଇ ଖବରଦାତା ସମ୍ମିଳନୀ

କୋରାପୁଟ, ୨୯।୪(ଅମିତାଭ ବେହେରା)

କେନ୍ଦ୍ର ସରକାରଙ୍କ ମହିଳା ସଂରକ୍ଷଣ ବିଲ୍‌କୁ ସମର୍ଥନ ଜଣାଇ ବିରୋଧୀ ଦଳର ବିରୋଧ ପ୍ରତିବାଦରେ ଭାଜପା ପକ୍ଷରୁ କୋରାପୁଟ ବିଧାୟକ ରଘୁରାମ ମାଛଙ୍କ ବାସଭବନରେ ମଣ୍ଡଳସ୍ତରୀୟ ମହିଳା ଜନ ଆକ୍ରୋଶ ପଦଯାତ୍ରା ପାଇଁ ପ୍ରସ୍ତୁତି ନେଇ ଏକ ଖବରଦାତା ସମ୍ମିଳନୀ କରାଯାଇଛି। ଏଥିରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ବାସନ୍ତୀ ଶତପଥୀ ଦେଶରେ ମହିଳାଙ୍କୁ ସମସ୍ତ କ୍ଷେତ୍ରରେ ଆଗକୁ ଆଣିବା ସହ ବିଧାନସଭା ଓ ଲୋକସଭାରେ ୩୩ ପ୍ରତିଶତ ସଂରକ୍ଷଣ ନିଶ୍ଚିତ କରିବାକୁ କେନ୍ଦ୍ର ସରକାର ବିଲ ଆଣିଥିଲେ। କିନ୍ତୁ ବିରୋଧୀ ଦଳଙ୍କ ବିରୋଧ ଯୋଗୁ ଏହା ପାସ ହୋଇପାରି


ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ବାସନ୍ତୀ ଶତପଥୀ ଓ ଅନ୍ୟମାନେ।

ନ ଥିଲା ବୋଲି କହିଛନ୍ତି। ଏହାର ପ୍ରତିବାଦ ସହ ମହିଳାଙ୍କୁ ସଚେତନ କରିବା ଲକ୍ଷ୍ୟରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ସାରା ରାଜ୍ୟର ୧,୦୫୨ ମଣ୍ଡଳରେ ମହିଳା ଜନଆକ୍ରୋଶ ପଦଯାତ୍ରା ଆୟୋଜନ କରାଯାଉଥିବା ସୂଚନା ଦେଇଛନ୍ତି। କୋରାପୁଟ ମଣ୍ଡଳରେ ହଜାର ହଜାର ମହିଳାଙ୍କ ସମ୍ମିଳନୀରେ ଏହି ପଦଯାତ୍ରା ହେବ ବୋଲି ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ ଭାଜପା ମହିଳା ମୋର୍ଚ୍ଚା ବରିଷ୍ଠ ନେତ୍ରୀ ସବିତା କୁମାରୀ ପ୍ରଧାନ ଓ ମାଧୁରୀ ପ୍ରଧାନ ଉପସ୍ଥିତ ଥିଲେ।

# ଭତ୍ତା ପାଇଁ ଡଙ୍ଗାରେ ହିତାଧିକାରୀ ହେଉଛନ୍ତି ଜଳଭଣ୍ଡାର ପାର

ନନ୍ଦପୁର,୨୯।୪(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ପରଜା ବଡପଡ଼ା ପଞ୍ଚାୟତର ବୃଦ୍ଧାବୃଦ୍ଧ, ବିଧବା, ଅସହାୟମାନଙ୍କୁ ଡିବିଟି ମାଧ୍ୟମରେ ଦିଆଯାଉଥିବା ଭତ୍ତା ଟଙ୍କା ଉଠାଣ ପାଇଁ ଦେଶୀ ଡଙ୍ଗାରେ ବିପଦସଙ୍କୁଳ ଅବସ୍ଥାରେ ଜୋଲାପୁଟ ଜଳଭଣ୍ଡାର ପାରହେବାକୁ ପଡୁଥିବା ଦେଖିବାକୁ ମିଳିଛି। ଏହି ସମୟରେ ଡଙ୍ଗା ବୁଡ଼ି ଅଘଟଣ ଘଟୁଥିବା ନଜିର ରହିଛି। ପଞ୍ଚାୟତରେ ବ୍ୟାଙ୍କ ସେବା ନ ଥିବା, ଡାକସେବାରେ ଅନିୟମିତତା ରହୁଥିବାରୁ ହିତାଧିକାରୀମାନେ ଡଙ୍ଗାରେ ଜୋଲାପୁଟ ବ୍ୟାଙ୍କ, ଡାକଘର, ୨୫ କି.ମି. ଦୂର ବାଲଡ଼ା ଷ୍ଟେଟ ବ୍ୟାଙ୍କ ଓ ୧୭


କେତେଜଣ ହିତାଧିକାରୀ ଡଙ୍ଗାରେ ଜଳଭଣ୍ଡାର ପାରହେଉଛନ୍ତି।

କି.ମି. ଦୂର ପାଡୁଆ ଉତ୍କଳ ବ୍ୟାଙ୍କ ଯାଇ ଭତ୍ତା ଟଙ୍କା ଉଠାଇ ଆଣୁଥିବା କହିଛନ୍ତି। ଏଥିପାଇଁ ସମସ୍ତ ଡିବିଟି ହିତାଧିକାରୀଙ୍କୁ ପଞ୍ଚାୟତରେ ଭତ୍ତା ଦେବା ବ୍ୟବସ୍ଥା କରିବାକୁ ସରପଞ୍ଚ ସୁବର୍ଣ୍ଣ ପୂଜାରୀ ହିତାଧିକାରୀଙ୍କ ସହ ଆସି ନନ୍ଦପୁର ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବ୍ଲକ ସାମାଜିକ ସୁରକ୍ଷା ବିଭାଗର ସୂଚନା ମୁତାବକ ପଞ୍ଚାୟତରେ ୨୪୨ ଭତ୍ତା ହିତାଧିକାରୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ୧୩୩ଜଣଙ୍କ ଭତ୍ତା ଡିବିଟି ମାଧ୍ୟମରେ ବ୍ୟାଙ୍କ ଓ ଡାକଘରକୁ ଯାଉଛି। ବଳକା ୧୦୯ଜଣଙ୍କୁ ହାତରେ ନଗଦ ଭତ୍ତା ପ୍ରଦାନ କରାଯାଉଛି। ଜୋଲାପୁଟ ଡାକଘର ଅଧୀନରେ ପରଜା ବଡ଼ପଡ଼ା ପଞ୍ଚାୟତ ରହିଛି। ବ୍ଲକ୍‌ର ୨୩ ପଞ୍ଚାୟତରୁ ପରଜା ବଡପଡ଼ାରେ ଅଦ୍ୟାବଧି କିଓସ୍କ ପ୍ଲସ୍ ବ୍ୟାଙ୍କ ଖୋଲାଯାଇ ନ ଥିବାରୁ ଲୋକେ ହଇରାଣ ହେଉଛନ୍ତି। ବିଡିଓ ଦୋରା ପରଜା ବଡ଼ପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶୀଘ୍ର କିଓସ୍କ ପ୍ଲସ୍ ବ୍ୟାଙ୍କ ଖୋଲାଯିବ। ଏ ନେଇ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ରାମନାଥ ଖେମୁଣ୍ଡୁଙ୍କୁ କିଓସ୍କ ପ୍ଲସ୍ ଖୋଲିବାକୁ ଅନୁମତି ମିଳିଛି। ପଞ୍ଚାୟତ ପକ୍ଷରୁ ତାଙ୍କୁ ଗୃହ ଯୋଗାଇ ଦିଆଯାଇଥିବା ସୂଚନା ଦେଇଛନ୍ତି।

